

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 NOVEMBER 2021

Vol.No. 32 ■ No. 294 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଦିଲ୍ଲୀରେ ବାୟୁ ପ୍ରଦୂଷଣ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୧୭/୧୧: ଦିଲ୍ଲୀରେ ଦିନକୁ ଦିନ ବିଗୁଡୁଛି ସ୍ଥିତି । ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ନେଇ କଣ ପଦକ୍ଷେପ ନେଉଛନ୍ତି ସରକାର ତାହାକୁ ନେଇ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ମଙ୍ଗଳବାର ହୋଇଥିବା ଜରୁରୀ ବୈଠକରେ ଯାହା ଆଲୋଚନା ହୋଇଛି, ତାହା ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ । ଦିଲ୍ଲୀ ପ୍ରଦୂଷଣକୁ ନେଇ ଶୁଣାଣି ବେଳେ ଦିଲ୍ଲୀ ସରକାରଙ୍କ ଭୂମିକା ଉପରେ କ୍ଷୋଭ ପ୍ରକାଶ କରିଛନ୍ତି କୋର୍ଟ । ସେପଟେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆକ୍ସନ ମୋଡରେ କେଜ୍ରିୱାଲ ସରକାର । ଦିଲ୍ଲୀରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ । ଦିଲ୍ଲୀ ସରକାର ଅଧିନସ୍ଥ କର୍ମଚାରୀ ଘରୁ ରହି କରିବେ କାମ । ରାଜଧାନୀର ସମସ୍ତ ଶିକ୍ଷାନୁଷ୍ଠାନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ । ଜରୁରୀକାଳିନ ଟ୍ରକ ସେବାକୁ ଅନୁମତି । ୧ ହଜାର ସିଏନଜି ବସ୍ ଭଡାରେ ଆଣିବେ ଦିଲ୍ଲୀ ସରକାର । ବାହନ ପ୍ରଦୂଷଣ ଯାଂଚ ପାଇଁ ୧୦ ବର୍ଷ ପୁରୁଣା ପେଟ୍ରୋଲ ଗାଡି ଓ ୧୫ ବର୍ଷ ପୁରୁଣା ଗାଡି ତାଲିକା ଦିଲ୍ଲୀ ପୋଲିସକୁ ହସ୍ତାନ୍ତର । ଦିଲ୍ଲୀ ପ୍ରଦୂଷଣ ନେଇ ବୁଧବାର ଶୁଣାଣି କରି ଦିଲ୍ଲୀ ସରକାର ଉପରେ ବର୍ଷିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ବ୍ୟାନ୍ ପରେ ବି ଦୀପାବଳିରେ କିପରି ବାଣ ଫୁଟିଲା ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ସେପଟେ ବିରୋଧୀ ମଧ୍ୟ କେଜ୍ରିୱାଲ ସରକାରଙ୍କୁ ଘେରିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଦିଲ୍ଲୀ ସରକାର ସଠିକ୍ ଭାବେ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ବୁଧବାର ସୁପ୍ରିମକୋର୍ଟରେ ୩୯୨ ପୃଷ୍ଠାର ସତ୍ୟପାଠ ଦାଖଲ କରାଯାଇଛି । ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ଜଣାଇଛି ଯେ ସରକାରୀ କର୍ମଚାରୀ ୱାର୍କଫ୍ରମ ହୋମ୍ ଦ୍ୱାରା ବିଶେଷ କିଛି ଫାଇଦା ହେବ ନାହିଁ । କୋଭିଡ ଯୋଗୁଁ ବିଭିନ୍ନ ସରକାରୀ କାମ ପ୍ରଭାବିତ ହୋଇଛି । ଏଣୁ ଏବେ ୱାର୍କଫ୍ରମ ହୋମ୍ କରିବା ସମ୍ଭବ ନୁହେଁ ।

କମିଲା ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ କୋଟା

ଭୁବନେଶ୍ୱର,୧୭/୧୧(ନି.ପ୍ର): ଗତକାଲି ପଂଚାୟତ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି, ଓବିସିଙ୍କୁ କାହିଁକି ୨୭ପ୍ରତିଶତ କୋଟା ଦେଲେ ନାହିଁ ସରକାର । ସେପଟେ ବିଜେଡି କହିଛି, ପ୍ରାର୍ଥୀ ଦେବା ସମୟରେ ଦଳ ଏହି ଦିଗରେ ବିଚାର କରିବ । ଓବିସି କୋଟା ପ୍ରସଙ୍ଗ ଓଡ଼ିଶାରେ ଏବେ ଚର୍ଚ୍ଚାକୁ ଆସିଛି । ତାର କାରଣ ହେଉଛି ଏହି ବର୍ଗ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । କମିଲା ପଛୁଆବର୍ଗଙ୍କ ପଞ୍ଚାୟତ କୋଟା । ବିରୋଧୀ କହିଲେ, ୨୭%ର ପ୍ରତିଶ୍ରୁତି କୁଆଡେ ଗଲା ? ପଞ୍ଚାୟତ ନିର୍ବାଚନ ନେଇ ସରଗରମ ହେଲାଣି ରାଜ୍ୟ ରାଜନୀତି । ଚୂଡାନ୍ତ ସଂରକ୍ଷଣ ତାଲିକା ଜାରି ହୋଇସାରିଛି । ଅନୁସୁଚିତ ଜାତି, ଜନଜାତି, ପଛୁଆବର୍ଗ ଓ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ସରକାର । କିନ୍ତୁ ୨୦୧୭ ତୁଳନାରେ ୨୦୨୨ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କ କୋଟା କମିଛି । ପ୍ରକାଶ ପାଇଥିବା ଚୂଡାନ୍ତ ଜିଲ୍ଲା ପରିଷଦ ତାଲିକାରେ ପାଖାପାଖି ୧୨ ପ୍ରତିଶତ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ କରାଯାଇଛି । ୩୦ ଜିଲ୍ଲାରୁ ୧୪ଟି ଜିଲ୍ଲା ସୁନ୍ଦରଗଡ, ସମ୍ବଲପୁର, ରାୟଗଡା, ନୂଆପଡା, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଝାରସୁଗୁଡା, ଗଜପତି, ଦେବଗଡ ଏହି ସବୁ ଜିଲ୍ଲାରେ ଓବିସିଙ୍କ ପାଇଁ କୌଣସି ▶▶ପୃଷ୍ଠା ୭

ଓଡ଼ିଶାରେ ଲମ୍ବିଛି ଅନଲାଇନରେ ଶିଶୁ ଯୌନ ନିର୍ଯାତନା ଭିଡିଓର ଚେର

ଭୁବନେଶ୍ୱର,୧୭/୧୧(ନି.ପ୍ର): ଅନଲାଇନ ଶିଶୁ ଯୌନ ଶୋଷଣ ମାମଲାରେ ଗତକାଲି ୩ଟି ସ୍ଥାନରେ ସିବିଆଇ ରେଡ୍ କରିବା ପରେ ଢେଙ୍କାନାଳର ସୁରେନ୍ଦ୍ର ନାୟକଙ୍କୁ ଗିରଫ କରାଯାଇଛି । ସିବିଆଇର ସ୍ୱତନ୍ତ୍ର ସେଲରେ ହୋଇଥିବା ଅଭିଯୋଗ ଅନୁସାରେ ସିବିଆଇ ଅଧିକାରୀମାନେ ତଥ୍ୟ ଓ ପ୍ରମାଣ ପାଇଛନ୍ତି । ଓଡ଼ିଶାରେ ରହି ଏହି ବ୍ୟକ୍ତି, ଅଶ୍ଳୀଳ ୱେବସାଇଟ ପାଇଁ କାମ କରୁଥିଲା । ତାର କାମ ଥିଲା, ସେ ଭିଡିଓ ଡାଉନଲୋଡ କରିବ ଓ ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ ଭଳି ବିଭିନ୍ନ ମାଧ୍ୟମରେ ଏହାକୁ ସେୟାର କରିବ । କିଛି ଟଙ୍କା ପାଇଁ ସେ ଏହି କାମ ହାତକୁ ନେଇଥିଲା । ଏବଂ ସମ୍ପୃକ୍ତ ସାଇଟରୁ ତାକୁ ଟଙ୍କା ମିଳିଥିଲା । ଦେଶର ୭୭ଟି ସ୍ଥାନରେ ଏବଂ ଓଡ଼ିଶାର ୩ଟି ସ୍ଥାନରେ ସିବିଆଇ ଚଢ଼ାଉ କରିବା ପରେ ଏମିତି କିଛି ତଥ୍ୟ ଆସିଛି, ଯାହା ଆପଣଙ୍କୁ ଚମକାଇ ଦେବ । ଓଡ଼ିଶାରେ ବି ଅନଲାଇନରେ ଶିଶୁ ଯୌନ ନିର୍ଯାତନାର ଚେର ଯେ ଏତେ ଭିତରକୁ ଗଲାଣି, ତାହା ପୂର୍ବରୁ କେବେ ବି ଜଣାପଡିନଥିଲା । ମିଳିଥିବା ସୂଚନା ଅନୁସାରେ ଢ଼େଙ୍କାନାଳର ସୁରେନ୍ଦ୍ର ନାୟକ ସହଜରେ ଅର୍ଥ ଉପାର୍ଜନର ମାଧ୍ୟମ ୟୁ-ଟ୍ୟୁବରୁ ଶିଖିଥିଲା ଏବଂ ଅଶ୍ଳୀଳ ସାଇଟରୁ ଭିଡିଓ ଡାଉନଲୋଡ କରି ଗତ ଦୁଇ ମାସରେ ପ୍ରାୟ ୧୮୦୦ ଟଙ୍କା ରୋଜଗାର କରିଛି । ସହଜରେ ଟଙ୍କା ରୋଜଗାର ପାଇଁ ବାଟ ବାଛିଥିଲା ଅଭିଯୁକ୍ତ । ପର୍ନ ସାଇଟରୁ ଡାଉନଲୋଡ୍ କରି ଭାଇରାଲ କରୁଥିଲା ଭିଡିଓ । ସହଜରେ ଟଙ୍କା ରୋଜଗାର ପାଇଁ ଶିଶୁ ଯୌନ ନିର୍ଯାତନା ଭିଡିଓ ଡାଉନଲୋଡ କରି ଅନ୍ୟମାନଙ୍କ ନିକଟକୁ ପଠାଉଥିଲା ଢେଙ୍କାନାଳରୁ ଗିରଫ ▶▶ପୃଷ୍ଠା ୭

ବିଜେପି ନେତ୍ରୀଙ୍କ ଗାଡି ପୋଡିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ପେଟ୍ରୋଲ ବୋମା ପକାଇ ବିଜେପି ନେତ୍ରୀଙ୍କ ଗାଡ଼ି ପୋଡିଦେଲେ ଦୁର୍ବୃତ୍ତ । ଭୁବନେଶ୍ୱର ଜିଲ୍ଲା ବିଜେପି କୋଷାଧକ୍ଷ ମିନତୀ ବାରିକଙ୍କ ଗାଡ଼ି ଉପରକୁ ପେଟ୍ରୋଲ ବୋମା ପକାଯାଇଥିବା ଅଭିଯୋଗ ହୋଇଛି । ନୟାପଲ୍ଲୀ ବ୍ରିଟ୍ କଲୋନୀ ସ୍ଥିତ ଘର ଆଗରେ ମିନତୀ ବାରିକଙ୍କ ଗାଡି ପାର୍କିଂ କରାଯାଇଥିବା ବେଳେ ଦୁର୍ବୃତମାନେ ପେଟ୍ରୋଲ ବୋମା ପକାଇ ଗାଡ଼ି ଜାଳି ଦେଇଛନ୍ତି । ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚି ସିସିଟିଭି ଫୁଟେଜ ଯାଂଚ କରିବା ସହ ତଦନ୍ତ ଆରମ୍ଭ କରିଛି ।

ଦେଶର ସ୍ୱାଧିନତା ନେଇ ବୟାନ ପରେ ମହାତ୍ମା ଗାନ୍ଧୀଙ୍କୁ ସମାଲୋଚନା କଲେ କଙ୍ଗନା

ନୂଆଦିଲ୍ଲୀ,୧୭/୧୧: ୧୯୪୭ରେ ଦେଶ ସ୍ୱାଧିନତାକୁ ଭିକ୍ଷା ବୋଲି କହିଥିବା ଅଭିନେତ୍ରୀ କଙ୍ଗନା ରାଣାୱତ ପୁଣିଥରେ ବିବାଦୀୟ ବୟାନ ଦେଇଛନ୍ତି । ଏଥର ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନିଶାନା ସାଧିଛନ୍ତି କଙ୍ଗନା । ମଙ୍ଗଳବାର ନିଜ ଇଂଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ ଉପରେ ପୋଷ୍ଟ କରି ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଉପରେ ପ୍ରଶ୍ନ ଉଠାଇଛନ୍ତି । ପୁରୁଣା ପେପରର ଏକ କଟିଂ ସେୟାର କରି ମହତ୍ମା ଗାନ୍ଧୀଙ୍କୁ ଟାର୍ଗେଟ କରଛନ୍ତି କଙ୍ଗନା । ନିଜ ଇଂଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଛନ୍ତି -" ଆପଣ ଜଣେ ଗାନ୍ଧୀ ପ୍ରଶଂସକ ହୋଇଥିବେ ନହେଲେ ନେତାଜୀଙ୍କ ସମର୍ଥକ ଆପଣ କେବେ ବି ଉଭୟ ହୋଇ ପାରିବେ ନାହିଁ.. ମହାନ ସ୍ୱାଧିନତା ସଂଗ୍ରାମୀ ସୁବାଷ ବୋଷ କିମ୍ବା ଭଗତ ସିଂହ, ମହାତ୍ମା ଗାନ୍ଧୀଙ୍କ ନିକଟରୁ କୌଣସି ସହାୟତା ପାଇନଥିଲେ.. ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ପାଇଁ ଦେଶକୁ ସ୍ୱାଧିନତା ମିଳିନି ଗୋଟିଏ ଗାଲରେ ଜାବୁଡା ବସିଲେ ଦ୍ୱିତୀୟ ଗାଲ ଦେଖାଇଦେବା ନୀତି ପାଇଁ ଭାରତ ସ୍ୱାଧିନ ହୋଇନି"। ଗୋଟିଏ ପରେ ଆଉ ଗୋଟିଏ ବିବାଦୀୟ ବୟାନ ଦେଇ ଏବେ ରାଜନେତାଙ୍କ ଠାରୁ ଆରମ୍ଭ କରି ସହକର୍ମୀ ସର୍ଭିଙ୍କ ସମାଲୋଚନାର ଶୀକାର ହୋଇଛନ୍ତି କଙ୍ଗନା । ▶▶ପୃଷ୍ଠା ୭

ଓଡିଶାର ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗାଁରେ ୪ଜି ମୋବାଇଲ ସେବା ମିଳିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୭/୧୧ (ନି.ପ୍ର): ଓଡ଼ିଶା ସମେତ ଦେଶର ୫ଟି ରାଜ୍ୟର ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ୪ଜି ମୋବାଇଲ ସେବା ଉପଲବ୍ଧ କରିବା ପାଇଁ ୟୁନିଭର୍ସାଲ ସର୍ଭିସ ଓବଲିଗେସନ ଫଣ୍ଡ୍ (ୟୁଏସଓଏଫ) ଅଧୀନରେ ୬,୪୬୬ କୋଟି ଟଙ୍କା କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ନିଷ୍ପତି ଦ୍ୱାରା ଓଡିଶାର ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗ୍ରାମରେ ୪ଜି ମୋବାଇଲ ସେବା ଉପଲବ୍ଧ ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଏହା ଏକ ଜନକଲ୍ୟାଣକାରୀ ପଦକ୍ଷେପ । ଓଡ଼ିଶା ସମେତ ୫ଟି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ମୋଟ ୪୪ ଆକାଂକ୍ଷୀ ଜିଲ୍ଲା ଗୁଡିକର ଗ୍ରାମ ଗୁଡିକ ୪ଜି ମୋବାଇଲ ସେବା ଦ୍ୱାରା ଉପକୃତ ହେବେ । ୪ଜି ସେବା ଯୋଗାଇ ଦେବା ପାଇଁ ୟୁଏସଓଏଫ୍ ଯୋଜନାରେ ୬,୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ଓପନ କମ୍ପିଟେଟିଭ୍ ବିଡିଂ ପ୍ରକ୍ରିୟାରେ ଏହି କାର୍ଯ୍ୟ କରାଯିବ । ଏହି ନିଷ୍ପତି ୫ଟି ରାଜ୍ୟର ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ୪ଜି ସେବା ଉପଲବ୍ଧ ନ ଥିବା ୭,୨୮୭ ଗ୍ରାମରେ ଡ଼ିଜିଟାଲ ସେବାକୁ ଗତି ଦେବା ସହ ବିକାଶମୂଳକ କାର୍ଯ୍ୟକୁ ସହଯୋଗ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ମଜବୁତ କରିବା ସଙ୍ଗେସଙ୍ଗେ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ମଧ୍ୟ ଇଂଟରନେଟ୍ ପ୍ରଦାନ କରିବାରେ ସହାୟକ ହେବ । ଏହାବ୍ୟତିତ କେବଳ ଓଡ଼ିଶାର ୧୦ଟି ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗ୍ରାମରେ ହାଇସ୍ପିଡ୍ ମୋବାଇଲ୍ ଏବଂ ଇଂଟରନେଟର ସଂଯୋଗୀକରଣ ହେବ । ଏହି ନିଷ୍ପତି ଡିଜିଟାଲ ଇଣ୍ଡିଆ ଏବଂ ଡିଜିଟାଲ ସଂଯୋଗୀକରଣର କଳ୍ପନାକୁ ପୂରଣ କରିବାରେ ସହାୟକ ହେବ । ନିଯୁକ୍ତି ସୁଯୋଗର ଉପଲବ୍ଧତା ବଢିବ ଓ ଘରୋଇ ବିନିର୍ମାଣକୁ ପ୍ରୋତ୍ସାହନ ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

ମମିତା ହତ୍ୟା ମାମଲାରେ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ ଓ ଗିରଫ ଦାବିରେ ବିଜେପିର ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୧୭/୧୧(ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ମୁହଁ ଖୋଲିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । ନୂଆପଡା ଗସ୍ତବେଳେ ବିରୋଧୀଙ୍କ ଅଭିଯୋଗକୁ ସିଧାସଳଖ ଖଣ୍ଡନ କରି କହିଛନ୍ତି, ଘଟଣାକୁ ନେଇ ଯାହା କୁହାଯାଉଛି ସବୁ ମିଛ । ସନସାଇନ ସ୍କୁଲ ସହ କୌଣସି ସମ୍ପର୍କ ନାହିଁ ବୋଲି ସେ ସଫେଇ ଦେଇଛନ୍ତି । ସେପଟେ ଦିବ୍ୟଶଙ୍କରଙ୍କ ସଫେଇ ପରେ ବି ଶାନ୍ତ ପଡିନାହାନ୍ତି ବିରୋଧୀ । ଦିବ୍ୟଶଙ୍କର ମିଶ୍ରଙ୍କୁ ମମିତା ହତ୍ୟା ମାମଲାରେ ତଦନ୍ତ ପରିସରଭୁକ୍ତ ଓ ତୁରନ୍ତ ଗିରଫ ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛି ବିଜେପି । ଏବଂ ସାମ୍ବାଦିକ ସମ୍ମିଳନୀ କରି ମନ୍ତ୍ରୀ ଜବାବ ରଖନ୍ତୁ ବୋଲି କହିଛି କଂଗ୍ରେସ । ଶିକ୍ଷୟତ୍ରୀ ମମିତା ମେହେରଙ୍କ ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ଥିବା ନେଇ ବିରୋଧୀ ଆଣିଥିବା ଅଭିଯୋଗକୁ ପୁଣି ଥରେ ଖଣ୍ଡନ କରିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । କହିଛନ୍ତି, ଘଟଣାକୁ ନେଇ ଯାହା କୁହାଯାଉଛି ସବୁ ମିଛ । ବିରୋଧୀ ଏନେଇ ଯେଉଁ ଅଭିଯୋଗ ଆଣୁଛନ୍ତି ସେଥିରେ କୌଣସି ସତ୍ୟାସତ୍ୟ ନାହିଁ । ମମିତାଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଦିବ୍ୟଶଙ୍କରଙ୍କ କଣ ସମ୍ପର୍କ ରହିଛି ? ତାର ଯାଂଚ କରିବାକୁ ବିରୋଧୀ ଦାବି କରି ଆସୁଥିବାବେଳେ ମନ୍ତ୍ରୀ କହିଛନ୍ତି, କେବଳ ବିଧାୟକ ଭାବେ ମହାଲିଙ୍ଗ କଲେଜ୍ ସହ ତାଙ୍କର ସମ୍ପର୍କ ଥିଲା । ସନସାଇନ ସ୍କୁଲ ସହ ତାଙ୍କର କୌଣସି ସମ୍ପର୍କ ନଥିଲା । ଦିବ୍ୟଶଙ୍କରଙ୍କ ସଫେଇ ପରେ ବି ଶାନ୍ତ ପଡିନାହାନ୍ତି ବିରୋଧୀ । ଦିବ୍ୟଶଙ୍କର ମିଶ୍ରଙ୍କୁ ମମିତା ହତ୍ୟା ମାମଲାରେ ତଦନ୍ତ ପରିସରଭୁକ୍ତ ଓ ତୁରନ୍ତ ଗିରଫ ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛି ବିଜେପି । ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ରେଳ ଷ୍ଟେସନ, ମାଷ୍ଟରକ୍ୟାଣ୍ଟିନ ▶▶ପୃଷ୍ଠା ୭

ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ଆଇପିଏସ୍ ସ୍ତରରେ ଏକ ବଡ ଧରଣର ଅଦଳବଦଳ ହୋଇଛି । ୧୯୮୮ ବ୍ୟାଚ୍ ଆଇପିଏସ୍ ତଥା ଓଏଚଆରସିର ଅତିରିକ୍ତ ଡିଜି ବିନୟାନନ୍ଦ ଝା ଗୃହ ବିଭାଗ ଓଏସଡି ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ସ୍ଥାନରେ ୧୯୮୯ ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଏଡିଜି ଓଏଚଆରସି ଦାୟିତ୍ୱ ଦିଆଯାଇଛି । ସେ ବର୍ତମାନ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଦାୟିତ୍ୱରେ ଅଛନ୍ତି । ସେହିପରି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କ ସ୍ଥାନରେ ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଭାବେ ନିଯୁକ୍ତି ପାଇଛନ୍ତି । ସୈଫିନ ଅହମ୍ମଦ କେ. ଫାୟାର ସର୍ଭିସ ଓ ହୋମ୍ ଗାର୍ଡ ଆଇଜି ଓ ଏଲ୍ ଦିବ୍ୟା ଭି. ହେଲେ ଢେଙ୍କାନାଳ ଏସ୍‌ପି ହୋଇଛନ୍ତି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରୀ କରାଯାଇଛି ।

ଡିସେମ୍ବର ୧ ରୁ ଗାଁସାଥୀଙ୍କ ଆମରଣ ଅନଶନ ଚେତାବନୀ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ମୁଣ୍ଡରେ ପରିବା ଝୁଡ଼ି ଧରି ବରଗଡ଼ ଜିଲ୍ଲାର ଗାଁସାଥୀ (ମେଟ୍) ମାନେ ଅଭିନବ ଉପାୟରେ ସ୍ୱତନ୍ତ୍ର ରାଲି କରି ଲୋୟର ପିଏମ୍‌ଜି ଧାରଣାସ୍ଥଳରୁ ନବୀନ ନିବାସ ଯାଏଁ ଯାଇ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରିବା ଲାଗି ଉଦ୍ୟମ କରିଥିଲେ । ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ▶▶ପୃଷ୍ଠା ୭

ଦରଦାମ ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର,୧୭/୧୧(ନି.ପ୍ର): ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବ ବିଜେଡି । ସାମ୍ବାଦିକ ସମ୍ମିଳନ କରି ଦଳ ଦରବୃଦ୍ଧିକୁ ସମାଲୋଚନା କରିଛି । ବିଜେପି ସରକାର ଉପରେ ବର୍ଷିଛି ବିଜେଡି । ୭୦ପ୍ରତିଶତ ଦର କେବେ ବୃଦ୍ଧି ହୋଇନଥିଲା ଏବଂ ୩ବର୍ଷରେ ଦର ଆକାଶଛୁଆଁ ହୋଇଥିବା ବିଜେଡି କହିଛି । କେନ୍ଦ୍ର ସରକାର କହୁଥିବା ଅଚ୍ଛେ ଦିନ, ଦୁର୍ଦ୍ଦିନରେ ପରିଣତ ହୋଇଛି, ଓଡ଼ିଶାର ମାଆ ଭଉଣୀ ଏହାର ପ୍ରତିବାଦ କରିବେ ବୋଲି ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବିଜୁ ଜନତା ଦଳର ୩ଟି ଶାଖା ବିକ୍ଷୋଭ କରିବେ । ୨୨ନଭେମ୍ବର କଟକ ଆରଡିସି କାର୍ଯ୍ୟାଳୟରେ ସାମ୍ବାରେ ବିକ୍ଷୋଭ, ୨୩ତାରିଖରେ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ଓ ୨୪ତାରିଖରେ ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟରେ ଦଳ ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ କହିଛନ୍ତି । ଏହାସହ ନ୍ୟାସନାଲ ଫ୍ୟାମିଲି ହେଲ୍ଥ ସର୍ଭେ ଅନୁଯାୟୀ ଉଜ୍ଜ୍ୱଳା ଯୋଜନା ପରେ

ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍)ର ଗଣବିକ୍ଷୋଭ : ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଜଳେଶ୍ୱର ,୧୭/୧୧ (ନି.ପ୍ର): ନିତ୍ୟବ୍ୟବହାର୍ଯ୍ୟ ଜିନିଷର ସୀମାହିନ ଦରବୃଦ୍ଧି, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଆଜି ବାଲେଶ୍ୱର ଜିଲାର ଜଳେଶ୍ୱର ସିପିଆଇ(ଏମ୍) ପକ୍ଷରୁ ଦିଲ୍ଲିପ କୁମାର ଗିରିଙ୍କ ନେତୃତ୍ୱରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ର ରାଜ୍ୟ ସରକାର ପ୍ରେଟୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ନ୍ୟାର୍ଯ୍ୟଚିତ ଦର ହ୍ରାସ ସହିତ ୩ଟି କଳା କୃଷି ଆଇନ୍ ପ୍ରତ୍ୟାହାର, ଧାନର ସହାୟକ ମୂଲ୍ୟ ୩୦୦୦ ଟଙ୍କା ହେବା, ନୂତନ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାର, ପୂର୍ବଭଳି ପ୍ରତି ଗାଁରେ ଭଡା ସର୍ବନିମ୍ନ ୨୦୦୦ଟଙ୍କା ପ୍ରଦାନ କରିବା, ଭୂମୀହିନଙ୍କୁ ପଟା ଓ ସମସ୍ତଙ୍କୁ ରେସନ୍‌କାର୍ଡ ଦେବା ସହିତ ଆବାସ ଯୋଜନାର ଦୁର୍ନିତୀକୁ ତଦନ୍ତ କରିବା ଦାବିରେ ଶତାଧିକ କର୍ମୀ ଷ୍ଟେସନ ଛକରୁ ଏକ ପଟୁଆରରେ ବାହାରି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲ । ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଏଥିରେ ଶିତାଂଶୁ ସେନାପତି, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ରତନ ଦାସ, ପଲ୍ଲୁ ଦାସ, ଜୀବନ ପରିଡା, ଗଣେଶ ଭୂୟାଁ, ସୂର୍ଣ୍ଣ ସିଂହ, ଜତିନ୍ ଜେନା, ରବିନ୍ଦ୍ର ବାରିକ, ବସନ୍ତ ଦାସ, ରାମଚନ୍ଦ୍ର ଦେ, ଧୀରେନ୍ଦ୍ର ଦେ, ବସନ୍ତ

ପ୍ରଧାନ, ଶେଖ୍ ଅବଦୁଲ ସାଦ୍ଦିକ, ସବିତା ସାହୁ, ଲକ୍ଷ୍ମୀଧର ପଲେଇ, ଆରତୀ ପଲାଇ, ମମି ପଣ୍ଡା, ରାଜିବ ପଣ୍ଡା, ସବୁତା ଭୁୟାଁ, ଗଣେଶ ପାତ୍ର, ବଂକିମ ବିଶ୍ୱାଳ, ଅଧିର ହୁଇ, ସେକ୍ ନଜିମୁଦ୍ଦିନ, ସେକ୍ ଜମିରୁଦ୍ଦିନ, ଚନ୍ଦ ଶତପଥି, ଭାଗବତ ପ୍ରଧାନ, ରାଜେଶ ମହାନ୍ତି, କାହ୍ନୁ ସିଂହ, କାଦ ମାରାଣ୍ଡି, ଶିତାଂଶୁ ମହାନ୍ତି, ଅବନୀକାନ୍ତ ବାରିକ, ବିଜୟ ସିଂହ, ସୁମିତ୍ରା ଦେ, ଶରତ ମହାନ୍ତି, ରାଜେଶ ମହାନ୍ତି, କୁନା ଟୁଡୁ, ପ୍ରମୁଖ ବହୁ ବ୍ୟକ୍ତି ସାମିଲ ଥିଲେ ।

ମହିଳା ଜୀବିକା ସୁରକ୍ଷା ମଂଚର ରାଜ୍ୟବ୍ୟାପି ଗୁଞ୍ଜରଣ ଶିକ୍ଷା ଯାତ୍ରାର ଶୁଭାରମ୍ଭ

କନ୍ଧମାଳ,୧୭/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଜୀବିକା ସୁରକ୍ଷା ମଂଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଜିଲ୍ଲା ସଭାପତି ଦୁର୍ବାଷା ସେଠୀଙ୍କ ଅଧକ୍ଷତାରେ ପରିଚାଳିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବ୍ଲକ ଅଧକ୍ଷା ମଞ୍ଜୁଲତା କହଁର ଏବଂ ଖଜୁରୀପଡ଼ା ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଉପସ୍ଥିତ ଥିଲେ । ରାଜ୍ୟ ସ୍ଥରୀୟ ଲୋକ ସଂଗଠନ ଓଡିଶା ଶ୍ରମଜୀବୀ ମଂଚ,ମହିଳା ଶ୍ରମଜୀବୀ ମଂଚ ଓଡିଶା ପକ୍ଷରୁ ରାଜ୍ୟବ୍ୟାପୀ ୨୫ ଦିନିଆ ଶିକ୍ଷା ଅଭିଯାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ନଭେମ୍ବର ୧୫ରୁ ଆରମ୍ଭ ହୋଇ ଏହି ଅଭିଯାନ ଅନ୍ତର୍ଗତ ଦୁଇଟି ସଚେତନତା ରଥ ମାଲକାନଗିରି ଏବଂ ସୁନ୍ଦରଗଡରୁ ବାହାରି ପ୍ରାୟ ୨୦ଦିନ ରାଜ୍ୟର୨୫ଟି ଜିଲ୍ଲାରେ ପ୍ରାୟ ୨ହଜାର ଶହେ କିଲୋମିଟର ପରିଭ୍ରମଣ କଲାପରେ ଶେଷରେ ଭୁବନେଶ୍ୱରେ ପହଂଚିବ ଏବଂ ଡିସେମ୍ବର ୧୦ତାରିଖରେ ଏହି ଯାତ୍ରା ଉଦଯାପିତ ହେବ । ବିଶେଷ କରି କନ୍ଧମାଳ ଜିଲ୍ଲାରେ ଜୀବିକା ସୁରକ୍ଷା ମଂଚ ଓ ମହିଳା ଜୀବିକା ସୁରକ୍ଷ ମଂଚ ପକ୍ଷରୁ ଏହି ଯାତ୍ରା ୨୦୦ଗୋଟି ଗ୍ରାମରେ ପହଂଚି ଶିକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ପହଂଚାଇବ । ଏହ ଶିକ୍ଷା ଯାତ୍ରାର ଉଦ୍ଦେଶ୍ୟ ହେଉଛି ଦୀର୍ଘ ୨୧ମାସ ଧରି ବିଦ୍ୟାଳୟ ବନ୍ଦ ଥିବା ଯୋଗୁଁ ପିଲା ମାନଙ୍କର ଶିକ୍ଷଣ ଓ ମାନସିକ ସ୍ଥିତି ସମ୍ପର୍କରେ ଅବଗତ ହେବା ବିଦ୍ୟାଳୟ ଭିତିଭୁମିର ସ୍ଥିତି ଏବଂ ଆବଶ୍ୟକତା ଉପରେ ଅଧ୍ୟୟନ କରିବା ଶିକ୍ଷାର ମହତ୍ୱ ବିଷୟରେ ସଚେତନତା କରିବା ଏବଂ ବିଶେଷ କରି ପିଲାମାନେ ବିଦ୍ୟାଳୟ ଖୋଲିବା ପରେ କେମିତି ପୁନଃ ବିଦ୍ୟାଳୟକୁ ଆସବେ ଏବଂ ପାଢପଢ଼ା ଜାରି ରଖିବେ ସେ ଦିଗରେ ଅଭିଭାବକ ଏବଂ ଗ୍ରାମବାସୀ ମାନଙ୍କୁ ସଚେତନ କରାଇବା । ଏତଦ ବ୍ୟତିତ ପିଲାମାନଙ୍କର ମାନସିକ ସ୍ଥିତି , ଶିକ୍ଷକ ମାନଙ୍କର ଆହ୍ୱାନ,ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ/ ସଦସ୍ୟା ମାନଙ୍କ ପ୍ରତି ଥିବା ଆହ୍ୱାନ ଉପରେ ଅଧ୍ୟୟନ ରିପୋର୍ଟ ପ୍ରସ୍ତୁତ କରି ଏଦିଗରେ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ହେଉଛି ଏହି ଯାତ୍ରାର ପ୍ରମୁଖ ଉଦ୍ଦେଶ୍ୟ । ଅନ୍ୟମାନଙ୍କ ମଧ୍ୟରେ ଜିବିକା ସୁରକ୍ଷା ମଂଚର ଆବାହକ ଅଞ୍ଜନ ପ୍ରଧାନଙ୍କ ସମେତ ୧୨ଟି ବ୍ଲକର ସମସ୍ତ କୋଡିନେଟର ଉପସ୍ଥିତ ଥିଲେ । ଫୁଲବାଣୀ ବ୍ଲକ କୋଡିନେଟର ସିଏଚ.ଭାରତୀ ରାଓ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ମାନସ ବେହେରା ଏବଂ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଅଦିନିଆ ବର୍ଷା : ଧାନ ଚାଷୀ ଚିନ୍ତାରେ

ବଲାଙ୍ଗିର,୧୭/୧୧ (ନି.ପ୍ର): ଧାନ ଚାଷୀ ସବୁବେଳେ ସମସ୍ୟା ମଧ ଦେଇ ଗତି କରୁଛି । କେତେବେଳେ କଟନୀ ଛଟନୀକୁ ନେଇ ଦାଉ ସହୁଛନ୍ତି ତ ଆଉ କେତେବେଳେ ସାର ଅଭାବରୁ ଚଢା ଦରରେ ସାର କିଣୁଛନ୍ତି । ଏବେ ଅଦିନିଆ ବର୍ଷା ଯୋଗୁଁ ମୁଣ୍ଡରେ ହାତ ଦେଲେଣି ଚାଷୀ । ଲଘୁଚାପଜନିତ ବର୍ଷା ଚାଷୀଙ୍କ ପାଇଁ ଦାଉ ସାଧିଛି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକର ବିଭିନ୍ନ ଗ୍ରାମରେ ଲଘୁଚାପଜନିତ ବର୍ଷା ଝିପିଝିପି ହେଉଛି । ବର୍ତମାନ ଚାଷୀଙ୍କ ଧାନ ଅମଳର ସମୟ । ଚାଷୀମାନେ କିଛିଦିନ ପୂର୍ବରୁ କ୍ଷେତରେ ଧାନ କାଟିଥିଲେ । ବର୍ତମାନ ସେହି କଟା ହୋଇଥିବା ଧାନ ବିଡ଼ା ସବୁ ଲଘୁଚାପଜନିତ ବର୍ଷାରେ ଭିଜିବାରେ ଲାଗିଛି । ଫଳରେ ଜମିରେ ଧାନ ଭିଜି ଗଜା ହେବାର ସମ୍ଭାବନା ଥିବାରୁ ଚାଷୀମାନେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ପୁଣି ଆସନ୍ତା ୧୯ ଏବଂ ୨୦ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ଲଘୁଚାପଜନିତ ବର୍ଷା ହେବ ବୋଲି ସୂଚନା ଅଛି । ତେବେ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବୀ ହେଉଛି ।

ଡାକ୍ତରଖାନା ଛକଠାରୁ ବାଟଗାଁ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ସଂପର୍କିତ ଜନଶୁଣାଣି ଅନୁଷ୍ଠିତ

ପୁରୀ,୧୭/୧୧ (ନି.ପ୍ର): ଡାକ୍ତରଖାନା ଛକ ଠାରୁ ବାଟଗାଁ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ସଂପର୍କରେ ବଳଗଣ୍ଡି ଓ କୁମ୍ଭାରପଡା ନିମନ୍ତେ ପୂର୍ବାହ୍ନ ସମୟରେ କୁମ୍ଭାରପଡା ପୁରୁଣା ଜେଲ ରୋଡସ୍ଥିତ ଜାଇଗଡ କ୍ଲବ ଏବଂ ଅପରାହ୍ନରେ ଅଠରନଳା ଓ ଜିତକର ମୁଦୁଲି ପାଟଣା ଅ ଂଚଳ ନିମନ୍ତେ ଗୋପିନାଥପୁର ପ ଂଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଅନୁଷ୍ଠିତ ହୋଇଛି । ଏହି ପ୍ରକଳ୍ପ ନିମନ୍ତେ ପୁରୀ ତହସିଲ ଅନ୍ତର୍ଗତ ତିନୋଟି ପ ଂଚାୟତର ୧୧ଟି ଗ୍ରାମରୁ ୬.୪୭୬୫ ଏକର ଜମି ଅଧିଗ୍ରହଣ କରାଯିବ । ସେଥିମଧ୍ୟରେ ୧.୧୦୯ ଏକର ସରକାରୀ ଜମି ଓ ୬୨୮ଟି ପରିବାରର ୫.୩୬୭୫ ଏକର ବ୍ୟକ୍ତିଗତ ଜମି ରହିଛି । ଏଥିମଧ୍ୟରୁ କୁମ୍ଭାରପଡା ଗ୍ରାମରୁ ସର୍ବାଧିକ ୦.୯୪୧୫ ଏକର ଥିବାବେଳେ ସିରେଇକଣାପାଟଣା ଗ୍ରାମର ସର୍ବନିମ୍ନ ୦.୩୧୮ ଏକର ଜମି ରହିଛି । ଏହି ପ୍ରକଳ୍ପଟି ଅବଢା ଯୋଜନାର ଅନ୍ତର୍ଭୁକ୍ତ ଓ ଉକ୍ତ ରାସ୍ତାଟି ରଥଯାତ୍ରା, ବଡଦନ ଛୁଟି, କାର୍ତ୍ତିକ ମାସ ଭଳି ପର୍ବପର୍ବାଣି ସମୟରେ ସର୍ବାଧିକ ବ୍ୟବହାର ହୋଇଥାଏ । ଯାନବାହାନର ଗହଳିକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ କରିବାକୁ ୨୦୧୭-୧୮ ମସିହାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭୁବନେଶ୍ୱରସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ଆଣ୍ଡ ରିସର୍ଚ ପକ୍ଷରୁ ଉକ୍ତ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଥିଲା । ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଜନଶୁଣାଣି ଅବସରରେ ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ,ଅର୍ଜନ ସ୍ୱତନ୍ତ୍ର ଅଧିକାରୀ ଶ୍ରୀ କୈଳାଶ ଚନ୍ଦ୍ର ନାୟକ,ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଉପ ପ୍ରଶାସକ ଶ୍ରୀ ସନ୍ତୋଷ ଷତପଥୀ, ତହସିଲଦାର ଶ୍ରୀ ରବିନ୍ଦ୍ର ପ୍ରଧାନ, ଭୂଅର୍ଜନ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ଜେନା, ଜାଇଗଡ ଯାଗା ସଭାପତି ଶ୍ରୀ ହରିହର ପାଢୀ, ଗୋପିନାଥପୁର ସରପ ଂଚ ଶ୍ରୀ ରାଜକିଶୋର ରାଉତ, କାଶିହରିପୁର ସରପ ଂଚ ଶ୍ରୀମତୀ ପୁଷ୍ପଲତା ଭୋଇ, ଅଂଶିଦାର ପ୍ରମୁଖ ଉପସ୍ଥିତ ଥିଲେ ।

୧ ହଜାର ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ଜୟପୁର,୧୭/୧୧ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ସଦର ପୋଲିସ ଚଢ଼ଉ କରିଛି । ଜାତୀୟ ରାଜପଥ ନଂ ୨୬ର ଜୟପୁର ଘାଟି ଶିବ ମନ୍ଦିର ନିକଟରେ ଚଢ଼ଉ କରିଛି । ଏହି ମାମଲାରେ ଉତର ପ୍ରଦେଶର ୨ ଜଣକୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ, କୋରାପୁଟ ସୀମାନ୍ତ ଅଞ୍ଚଳରୁ ଏକ କଣ୍ଟେନରରେ ଗଞ୍ଜେଇ ଧରି ଜୟପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ପାଇଥିଲେ । ଏନେଇ ସଦର ପୋଲିସ ଟିମ୍ ଜୟପୁର ଘାଟି ଶିବ ମନ୍ଦିର ନିକଟରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଏହି କଂଟେନରରୁ ୧ ହଜାର ୨୧ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୨ ହଜାର ଟଙ୍କା ହେବ । ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଉତର ପ୍ରଦେଶର ପରଭେଜ (୨୮) ଓ ବିରେନ୍ଦ୍ର ସିଂ (୩୦) । ସଦର ପୋଲିସ ୨ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିବା ସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ କଣ୍ଟେନରକୁ ଜବତ କରିଛି । ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଅଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।

ଇପିଏଫ ପେନଶନନର ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୭/୧୧ (ନି.ପ୍ର): ନିଖିଳ ଓଡିଶା ଇପିଏଫ ପେନଶନନରସ୍ର ଆସୋସିଏସନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲଦପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ପ୍ରଦାନ କରାଯାଇଛି । ସଂଗଠନର କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସଭାପତି ବସନ୍ତ କୁମାର ଦାଶ, ଉପ ସଭାପତି କାହ୍ନୁ ଚରଣ ଦାସ, ସାଧାରଣ ସଂପାଦକ ଲୋକନାଥ ରାଉତ, କୋଷାଧକ୍ଷ ଗୋପବନ୍ଧୁ ପତି, ନିରଞ୍ଜନ ପଲାଇ, ଧନେଶ୍ୱର ରାଉତ, ଅନାଦି ଚରଣ ଦାସ ପ୍ରମୁଖ କର୍ମକର୍ତା ମାନେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି । ସମଗ୍ର ରାଜ୍ୟରେ ୧.୬୨ ଲକ୍ଷ ଇପିଏଫ ପେନଶନ ଧାରୀ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରେ ପ୍ରାୟ ୫୦୦ ରୁଉର୍ଦ୍ଧ୍ୱ ଇପିଏଫ ପେନଶନ ଧାରୀ ତଥା ବରିଷ୍ଠ ନାଗରିକ ମାତ୍ର ୩ ଶହ ରୁ ୩ ହଜାର ଟଙ୍କା ମଧ୍ୟରେ ପେନସନ ପାଇ ଦୁଃଖକଷ୍ଟ ରେ କାଳାତିପାତ କରୁଛନ୍ତି । ଏହି କର୍ମଚାରୀ ମାନେ ଉଠା ଜଳସେଚନ ନିଗମ ସମେତ ବିଭିନ୍ନ ନିଗମ ମାନଙ୍କରେ କାର୍ଯ୍ୟକରି ପରିଣତର ବୟସରେ ଅବସର ନେଇ ଆର୍ଥିକ ଦୃଷ୍ଟିକୋଣରେ ଗତି କରୁଥିବା ଲିଖିତ ଭାବେ ଜଣାଇଛନ୍ତି । ତୁରନ୍ତ ଏହି ଅବସରପ୍ରାପ୍ତ ବ୍ୟକ୍ତି ମାନଙ୍କୁ ଆୟୁସମାନ ଭାରତ ଯୋଜନାରେ ସାମିଲ କରିବା ସହ ପେନଶନ ରାଶି ବୃଦ୍ଧି କରିବା ପାଇଁ ଦାବି ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟେର ପଦ୍ମ ଚରଣ ବେହେରା, ପିତାମ୍ବର ମହାନ୍ତି, ନିରଞ୍ଜନ ପଲାଇ, ଧନେଶ୍ୱର ରାଉତ,ଅନାଦି ଚରଣ ଦାସ, ବିପିନ ବିହାରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ ମାରିବା ନେଇ ଫାଣ୍ଡିରେ ଅଭିଯୋଗ : ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା,୧୭/୧୧ (ନି.ପ୍ର): ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଘଟଣ । କିଛି ମହିଳା ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ ମରାଯାଇଥିବା ନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ତେବେ ଏଭଳି ଘଟଣାକୁ ନେଇ ବିଦ୍ୟୁତ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପକ୍ଷେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଦ୍ୟୁତ ବିଭାଗ କାର୍ମଚାରୀ ସଂଘ । ଅଭିଯୋଗ ମୁତାବକ ଆଜି ଅପରାହ୍ନରେ ବ୍ରହ୍ମବରଦା ଫଚାୟତସ୍ଥ ପଠାଣମହଲା ଗ୍ରାମର ୧୫ରୁ ଉର୍ଦ୍ଧ ମହିଳା ଓ ପୁରୁଷ ବ୍ରହ୍ମବରଦା ବିଦ୍ୟୁତ୍ କାର୍ଯ୍ୟାଳୟରେ ପାଶି କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଳଜ କରିବା ସହ ସେମାନଙ୍କୁ ମାଡ ମାରିଥିଲେ । ମାଡ ମାରିବା ପରେ ସମସ୍ତେ କାର୍ଯ୍ୟାଳୟ ଛାଡି ପଳାଇଯାଇଥିଲେ । ଏହି ଘଟଣାକୁ ନେଇ ଏହି ଗ୍ରାମର ୫ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ନାମରେ ବ୍ରହ୍ମବରଦା ଫାଣ୍ଡିରେ କନିଷ୍ଠ ଯନ୍ତ୍ରୀ ଅଶୋକୁ କୁମାର ସାହୁ ଅଭିଯୋଗ କରିଛନ୍ତି । ସପ୍ତାହ ପୂର୍ବେ ଏହି ପଠାଣମହଲାର ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିଲା । ତେବେ ଏହି ଗ୍ରାମର ଅଧାରୁ ଅଧିକ ଉପଭୋକ୍ତାଙ୍କର ବିଦ୍ୟୁତ୍ ବିଲ ବାକିଆ ରହିଯାଇଛି । ଏହି ବିଲକୁ କଲକେସନ ପାଇଁ ଗ୍ରାମର ମୁରବୀ ଏହାର ଦାୟିତ୍ୱ ନେଇଥିଲେ । ଏବଂ ଆଜି ଅଚଳ ଟ୍ରାନ୍ସଫର୍ମର ଖୋଲା ଯିବାରଥିଲା । ତେବେ ଆଜି ଟ୍ରାନ୍ସଫର୍ମର ଷ୍ଟକ୍ ନ ଥବବାରୁ ଏହା ଆଜି ସମ୍ଭବ ହୋଇ ନଥିଲା । ଯାହାକି ଆସନ୍ତା କାଲି ଲାଗିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ଏହାକୁ ବିରୋଧ କରି ଗ୍ରାମର କିଛି ମହିଳା ଓ ପୁରୁଷ ବିଦ୍ୟୁତ୍ କାର୍ଯ୍ୟାଳରେ ପଶି କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ସେମାନଙ୍କୁ ମାଡ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥଲେ । ଏହି ଘଟଣାକୁ ନେଇ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦିଆଯାଇଥିଲା । ଏତଲା ପାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି । ଏଭଳି ଘଟଣାକୁ ନେଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଭୋକ୍ତା ମହଲରେ ଦାବି ହୋଇଛି ।

ରାଷ୍ଟ୍ରୀୟ ଜନଜାତୀୟ ଗୌରବ ଦିବସ ପାଳିତ

ନୂଆପଡା,୧୭/୧୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ସ୍ଥିତ ରାଜପୁର ଗ୍ରାମ ଠାରେ ଜିଲ୍ଲାର ଗର୍ବ ଓ ଗୌରବ ବୀର ସହିଦ ଦେବେନ୍ଦ୍ର ଧରୁଆଙ୍କ ସ୍ମୃତିସ୍ତମ୍ଭ ନିକଟରେ ପିତା ନିରଞ୍ଜନ ଧରୁଆ, ମାତା ଗୁଣମତି ଧରୁଆ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରାଯାଇଥିଲା । ୧୪୬ ତମ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ରାଷ୍ଟ୍ରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ବନବାସୀ କଲ୍ୟାଣ ଆଶ୍ରମ ଜିଲ୍ଲା ସଭାପତି ମନୁରାମ ଶବର, ସମ୍ପାଦକ ଚନ୍ଦନ ସିଂ ମାଝୀ, ସହ ସମ୍ପାଦକ ଭଗବାନ ଚଳାନ, ଜିଲ୍ଲା ସଂଗଠନ ମନ୍ତ୍ରୀ ପୁରୁଷୋତମ ପାତ୍ର, ଏସଏଚଜି କୋ ଅର୍ଡିନେଟର ଗୋପବନ୍ଧୁ ବହିଛୋର, ଏସଏଚଜି ପ୍ରମୋଟର ମାନେ ତଥା ଗ୍ରାମବାସୀ ସତାଧିକ ମହିଳା ଓ ପୁରୁଷ ଯୋଗଦାନ କରି ବୀର ସହିଦ ଦେବେନ୍ଦ୍ର ଧରୁଆ ଓ ବୀର ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଉଦବୋଧନ ଦେଇଥିଲେ । ତାଙ୍କର କାର୍ଯ୍ୟକଳାପ ଉପରେ ଆଲୋକପାତ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିଶେଷରେ ସହିଦଙ୍କ ପ୍ରତିମୂର୍ତି ସ୍ଥାପନ ନିମନ୍ତେ ଆହ୍ୱାନ କରି ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା ।

ଅସହାୟ ବୃଦ୍ଧାଙ୍କ ମୃତ ଦେହର ଅନ୍ତିମ ସଂସ୍କାର କଲେ ଗୁରୁଚରଣ

ହରିଚନ୍ଦନପୁର,୧୭/୧୧ (ନି.ପ୍ର): ଅସହାୟ ବୃଦ୍ଧାଙ୍କ ମୃତ ଶରୀରର ଅନ୍ତିମ ସଂସ୍କାର କରି ମାନବିକତାର ପରିଚୟ ଦେଲେ ଡି.

ଭାଇଚାରାର ସହର

ଦିଲ୍ଲୀପ କୁମାର ସାହୁ

ଭାଇଚାରାର ସହର କହିଲେ ସମସ୍ତେ କଟକକୁ ବୁଝିଥାନ୍ତି । ହେଲେ ଆମ ରାଜ୍ୟରେ ସେମିତି ଆଉ ଏକ ସହର ରହିଛି ଯେଉଁଠି ସବୁ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଥାଏ ଉତ୍ତମ ବୁଝାମଣା । ବାହାରୁ ଆସୁଥିବା ଲୋକମାନଙ୍କୁ ମଧ୍ୟ ସେ ସହର ସହଜରେ ଆପଣେଇ ନିଏ । ସାମ୍ପ୍ରଦାୟିକ ସମ୍ପ୍ରୀତି ସହରର ଗର୍ବ ଓ ଗୌରବ । ତାହା ହେଲା ପଶ୍ଚିମ ଓଡିଶାର ପ୍ରମୁଖ ସହର ତଥା କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଭବାନୀପାଟଣା । ସ୍ୱାଧୀନତା ପୂର୍ବରୁ ଭବାନୀପାଟଣା ଥିଲା କଳାହାଣ୍ଡି ରାଜ୍ୟର ରାଜଧାନୀ । ଯାହାର ମୁକସାକ୍ଷୀ ସହରରେ ଥିବା ସୁଦୃଶ୍ୟ ରାଜପ୍ରାସାଦ ଓ ରାଜାଙ୍କ ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିର । ଦେଶ ସ୍ୱାଧିନ ହେବା ପରେ କଳାହାଣ୍ଡି ପାଲଟିଗଲା

ପଶ୍ଚିମ ଓଡିଶାର କେନ୍ଦ୍ରସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିଠାରୁ ରାୟଗଡା, ନବରଙ୍ଗପୁର, ଫୁଲବାଣୀ, ବଲାଙ୍ଗୀର ଓ ନୂଆପଡା ଆଦି ସହରକୁ ସିଧା ସଳଖ ସଡକ ପଥର ସୁବିଧା ରହିଛି । ସହରର ମଧ୍ୟଭାଗରେ ରହିଛି ଭବାନୀପାଟଣା ବସଷ୍ଟାଣ୍ଡ । ସେହି ବସଷ୍ଟାଣ୍ଡରୁ ରାଜ୍ୟର ପ୍ରମୁଖ ସହରଗୁଡିକୁ ନିୟମିତ ବସ୍ ସେବାର ବ୍ୟବସ୍ଥା ରହିଛି ।

୨୦୧୨ ମସିହାରୁ ଭବାନୀପାଟଣା ସହରକୁ ମିଳିଛି ରେଳ ଯୋଗାଯୋଗର ସୁବିଧା । ଭୁବନେଶ୍ୱର ଜୁନାଗଡ ଏକ୍ସପ୍ରେସ୍ ଦ୍ୱାରା ଭବାନୀପାଟଣା, ରାଜଧାନୀ ଭୁବନେଶ୍ୱର ସହ ଓଡିଶାର ଏକ ଜିଲ୍ଲା ଓ ଭବାନୀପାଟଣା ହେଲା ତାହାର ସଦର ମହକୁମା । ତେଣୁ ସେଠାରେ ପ୍ରତିଷ୍ଠା କରାଗଲା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ।

କେତେଗୁଡିଏ କେନ୍ଦ୍ର ସହକାରଙ୍କ ଦପ୍ତର ମଧ୍ୟ ସେଠାରେ ରହିଛି । କଳାହାଣ୍ଡି ଏକ ଆଦିବାସୀ ବହୁଳ ଜିଲ୍ଲା । ଭବାନୀପାଟଣାରେ କିନ୍ତୁ ସମସ୍ତ ସମ୍ପ୍ରଦାୟର ଲୋକମାନଙ୍କୁ ଦେଖିବାକୁ ମିଳେ । ଦେଖିବାକୁ ମିଳେ ଏମିତି ଲୋକଙ୍କୁ ଯେଉଁମାନେ ଜିଲ୍ଲା ବାହାରୁ ଆସି ସ୍ଥାୟୀ ଭାବରେ ରହିଯାଇଛନ୍ତି ସେ ସହରରେ ।

ସହରର ଲୋକସଂଖ୍ୟା ପ୍ରାୟ ସତୁରି ହଜାର । ୪୫ଟି ପଡ଼ା ଓ ୨୦ଟି ୱାର୍ଡକୁ ନେଇ ଗଠିତ ସେହି ସହର । ସହରବାସୀଙ୍କ ସେବାରେ ସଦା ବ୍ରତୀ ଭବାନୀପାଟଣା ପୌରପାଳିକା ।

ଭବାନୀପାଟଣାକୁ ଦକ୍ଷିଣ ଓ ପଶ୍ଚିମ ଓଡିଶାର କେନ୍ଦ୍ରସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିଠାରୁ ରାୟଗଡା, ନବରଙ୍ଗପୁର, ଫୁଲବାଣୀ, ବଲାଙ୍ଗୀର ଓ ନୂଆପଡା ଆଦି ସହରକୁ ସିଧା ସଳଖ ସଡକ ପଥର ସୁବିଧା ରହିଛି । ସହରର ମଧ୍ୟଭାଗରେ ରହିଛି ଭବାନୀପାଟଣା ବସଷ୍ଟାଣ୍ଡ । ସେହି ବସଷ୍ଟାଣ୍ଡରୁ ରାଜ୍ୟର ପ୍ରମୁଖ ସହରଗୁଡିକୁ ନିୟମିତ ବସ୍ ସେବାର ବ୍ୟବସ୍ଥା ରହିଛି ।

୨୦୧୨ ମସିହାରୁ ଭବାନୀପାଟଣା ସହରକୁ ମିଳିଛି ରେଳ ଯୋଗାଯୋଗର ସୁବିଧା । ଭୁବନେଶ୍ୱର ଜୁନାଗଡ ଏକ୍ସପ୍ରେସ୍ ଦ୍ୱାରା ଭବାନୀପାଟଣା, ରାଜଧାନୀ ଭୁବନେଶ୍ୱର ସହ ସଂଯୁକ୍ତ । ସେହି ଟ୍ରେନ୍ ଏବେ ପାଲଟିଯାଇଛି ଭବାନୀପାଟଣାର ଜୀବନରେଖା । ବୟସ୍କ ବ୍ୟକ୍ତି, ମହିଳା ଓ ଅସୁସ୍ଥ ଲୋକମାନେ ଭବାନୀପାଟଣା ଓ ଭୁବନେଶ୍ୱର ମଧ୍ୟରେ ସହଜରେ ଯାତାୟାତ କରିପାରୁଛନ୍ତି ।

ଭବାନୀପାଟଣା ସ୍ଥିତ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇଁ ଜିଲ୍ଲାବାସୀଙ୍କ ଏକମାତ୍ର ଭରସା । ସେଠାରେ ଉଭୟ ଇନଡୋର ଓ ଆଉଟଡୋର ଚିକିତ୍ସାର ସୁବିଧା ମାଗଣାରେ ଉପଲବ୍ଧ । ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ସୁବିଧା ସମେତ ସେଠାରେ ଆଇସିୟୁର ବ୍ୟବସ୍ଥା ମଧ୍ୟ ରହିଛି ।

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିମନ୍ତେ ସହରରେ ରହିଛି ଅନେକ ଗୁଡିଏ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ । କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ବିକାଶ ନିମନ୍ତେ ସହରରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାବରେ ରୂପାନ୍ତରିତ ହୋଇଛି । ନାରୀ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସହରରେ ଏକ ସରକାରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

ଶିକ୍ଷକ ମାନଙ୍କ ପ୍ରଶିକ୍ଷଣ ନିମନ୍ତେ ସେଠାରେ ରହିଛି DIET ବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ । ସେହି ଅନୁଷ୍ଠାନ ଦ୍ୱୟରେ ସି.ଟି ତାଲିମ୍ ଓ ବି.ଇଡି. ପାଠ୍ୟକ୍ରମର ବ୍ୟବସ୍ଥା ରହିଛି ।

କଳାହାଣ୍ଡି ଜିଲ୍ଲାବାସୀଙ୍କ ମୁଖ୍ୟ ଜୀବିକା କୃଷି । ତେଣୁ ଜିଲ୍ଲାର କୃଷକ ମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇ ଦେବା ନିମନ୍ତେ ଭବାନୀପାଟଣାରେ ଓ.ୟୁ.ଏ.ଟି ପକ୍ଷରୁ ପ୍ରତିଷ୍ଠା କରାଯାଇଛି କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ମହାବିଦ୍ୟାଳୟ । ସେହି ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀମାନେ ବି.ଏସ୍.ସି ଏଜି ଶିକ୍ଷା ଗ୍ରହଣ ପାଇବାର ବ୍ୟବସ୍ଥା ରହିଛି । ଓଡିଶାର ବିଭିନ୍ନ ଅଞ୍ଚଳରୁ ଛାତ୍ରଛାତ୍ରୀ ଆସି ସେଠାରେ ଅଧ୍ୟୟନ କରିଥାନ୍ତି ।

ବିଶ୍ୱ ବଜାରୀକରଣ ଯୋଗୁ ବୈଷୟିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି । ତେଣୁ ଅଧିକାଂଶ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ପଢିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବାନୀପାଟଣା ଠାରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯାଇଛି । କଳାହାଣ୍ଡିର ପାଣିପବନକୁ ଭୟକରି ଛାତ୍ରଛାତ୍ରୀମାନେ ସେହି ଅନୁଷ୍ଠାନକୁ ସେମାନଙ୍କର ଶେଷ ଚଏସ୍ ଦେଇଥାନ୍ତି । ହେଲେ ସେଠାରେ ଅଧ୍ୟୟନ କଲାପରେ କଳାହାଣ୍ଡି ପ୍ରତି ଥିବା ସେମାନଙ୍କର ମନୋବୃତ୍ତି ସମ୍ପୂର୍ଣ୍ଣ ବଦଳି ଯାଇଥାଏ ।

ଭବାନୀପାଟଣାଠାରେ ଗୋଟିଏ ଘରୋଇ ମେଡ଼ିକାଲ କଲେଜ ଥିଲା । ପରିଚାଳନା ଗତ ତ୍ରୁଟି ଯୋଗୁ ତାହା ବନ୍ଦ ହୋଇଯାଇଥିଲା । ଏବେ ସରକାରୀ ଉଦ୍ୟମରେ ଆଉ ଏକ ମେଡ଼ିକାଲ କଲେଜ ନିର୍ମାଣାଧୀନ ।

କଳାହାଣ୍ଡି ଜିଲ୍ଲାରେ କ୍ରୀଡାର ବିକାଶ ନିମନ୍ତେ ଭବାନୀପାଟଣା ଠାରେ ପ୍ରତିଷ୍ଠା କରାଯାଇଛି ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ । ଆୟତନ ଦୃଷ୍ଟିରୁ ତାହା ରାଜ୍ୟର ସବୁଠାରୁ ବଡ କ୍ରୀଡାଙ୍ଗନ । ସେହି ଷ୍ଟାଡିୟମ୍‌ରେ ବିଭିନ୍ନ ସମୟରେ ରାଜ୍ୟ ଓ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥାଏ । ଯାହାକି କିଶୋର ଓ ଯୁବକ ମାନଙ୍କର କ୍ରୀଡା ପ୍ରତିଥିବା ଆଗ୍ରହକୁ ବହୁଗୁଣିତ କରିଥାଏ ।

କଳାର ମାଟି କଳାହାଣ୍ଡି । ତାହାର କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଭବାନୀପାଟଣା ଠାରେ ସ୍ଥାପିତ ହୋଇଛି ଏକ ଲୋକାଲ ରେଡିଓ ଷ୍ଟେସନ୍ । ସେହି କେନ୍ଦ୍ର ପକ୍ଷରୁ ନିଜସ୍ୱ କାର୍ଯ୍ୟକ୍ରମ ସହିତ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ମନଛୁଆଁ କାର୍ଯ୍ୟକ୍ରମମାନ ପ୍ରସାରିତ ହୋଇଥାଏ । ଆକାଶବାଣୀ ଭବାନୀପାଟଣାର ଏଫ୍. ଏମ୍. ଟ୍ରାନ୍ସମିଟର ଉଦ୍ଘାଟିତ ହେବା ପରଠାରୁ କେନ୍ଦ୍ରର କାର୍ଯ୍ୟକ୍ରମ ଶ୍ରୋତାମାନଙ୍କ ପାଖରେ ପହଞ୍ଚିବା ସହଜ ହୋଇପାରୁଛି । ମୋବାଇଲ୍ ଟେଲିଫୋନ୍ ମାଧ୍ୟମରେ ଶ୍ରୋତାମାନେ ଏବେ ଆକାଶବାଣୀ ଭବାନୀପାଟଣାର କାର୍ଯ୍ୟକ୍ରମ ଉପଭୋଗ କରିପାରୁଛନ୍ତି ।

ଦୂରଦର୍ଶନ କାର୍ଯ୍ୟକ୍ରମକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଭବାନୀପାଟଣା ସହରରେ ଏକ ଉଚ୍ଚଶକ୍ତି ସଂପନ୍ନ ଟ୍ରାନ୍ସମିଟର ୧୯୯୨ ମସିହାରୁ କାର୍ଯ୍ୟ କରୁଛି । ପାଞ୍ଚଶହ ଫୁଟ କଂକ୍ରିଟ୍ ସ୍ତମ୍ଭ ଉପରେ ଟ୍ରାନ୍ସମିଟରଟି ଅବସ୍ଥାପିତ । ବହୁଦୂରରୁ ସ୍ତମ୍ଭଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ।

ସ୍ଥାନୀୟ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବା ତଥା କଳାହାଣ୍ଡି ଜିଲ୍ଲାର ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ନିମନ୍ତେ ୨୦୦୦ ମସିହାରେ ପ୍ରତିଷ୍ଠା କରାଗଲା ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର । ସେହି କେନ୍ଦ୍ରରୁ ପ୍ରସ୍ତୁତ କାର୍ଯ୍ୟକ୍ରମ ତାହାର ନିଜସ୍ୱ ଟ୍ରାନ୍ସମିଟର ମାଧ୍ୟମରେ ସୋମବାରରୁ ଶୁକ୍ରବାର ପ୍ରତ୍ୟହ ସଂନ୍ଧ୍ୟା ପାଞ୍ଚଟାରୁ ଛଅଟା ମଧ୍ୟରେ ପ୍ରସାରିତ ହୋଇଥାଏ ଏବଂ ଡି.ଡି. ଓଡିଆ ମାଧ୍ୟମରେ ସୋମବାରରୁ ଶୁକ୍ରବାର ୧୨ ଟା ଓ ଶନିବାରଦିନ ସକାଳ ଛଟାରେ ପ୍ରସାରିତ ହୋଇଥାଏ ।

କଳା ସାହିତ୍ୟ ଏବଂ ନୃତ୍ୟ ସଂଗୀତର ପ୍ରସାର ନିମନ୍ତେ ଭବାନୀପାଟଣା ସହରରେ ରହିଛି ଅନେକ ଗୁଡିଏ ସାଂସ୍କୃତିକ ଅନୁଷ୍ଠାନ । ସେଗୁଡିକ ମଧ୍ୟରେ କଳାହାଣ୍ଡି ଲେଖକ କଳା ପରିଷଦ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ପ୍ରତିଭା ଏବଂ କଳାହାଣ୍ଡି କଳାକେନ୍ଦ୍ର ଆଦି ଅନ୍ୟତମ ।

ବିଭିନ୍ନ ସମୟରେ ଆଲୋଚନାଚକ୍ର, ସାହିତ୍ୟସଭା, କବିତାଆସର ଆଦି ଆୟୋଜନ କରି କଳାହାଣ୍ଡି ଲେଖକ କଳା ପରିଷଦ ଓଡିଆ ଭାଷା ସାହିତ୍ୟର ବିକାଶ ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥାଏ । ସେହିଭଳି ଜିଲ୍ଲାର ଲୋକବାଦ୍ୟ ତଥା ବୀରବାଦ୍ୟ ଘୁମୁରାକୁ ଆନ୍ତର୍ଜାତିକ ଖ୍ୟାତି ଆଣି ଦେବାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭୂମିକା ଅନନ୍ୟ ।

ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ନିମନ୍ତେ ପ୍ରତିବର୍ଷ କଳାହାଣ୍ଡି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହୋଇଥାଏ ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଘୁମୁରା । ସେଥିରେ ଜିଲ୍ଲା ତଥା ଜିଲ୍ଲା ବାହାରର କଳାକାର ମାନେ ପରିବେଷଣ କରିଥାନ୍ତି ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଭବାନୀପାଟଣା ସହରରେ ରହିଛି ଅନେକ ମନ୍ଦିର ଓ ରହିଛି ମସଜିଦ୍ । ସହରରେ ଗୀର୍ଜାଘର ଅଛି, ଅଛି ପୁଣି ଗୁରୁଦ୍ୱାର । ନାନା ଧର୍ମ, ନାନା ସମ୍ପ୍ରଦାୟର ସହାବସ୍ଥାନ ସହରର ଅନନ୍ୟ ପରମ୍ପରା ।

ଭବାନୀପାଟଣାରେ ସହରରେ ରହିଛି ପ୍ରାୟ ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ଓ ଏ.ଟି.ଏମ୍ । ଆଜିକାଲି ପ୍ରାୟ ଅଧିକାଂଶ ବିତ୍ତୀୟ କାରବାର ବ୍ୟାଙ୍କ ମାଧ୍ୟମରେ ହେଉଥିବାରୁ ଏହି ବ୍ୟାଙ୍କ ଗୁଡିକ ସମସ୍ତଙ୍କର ଆବଶ୍ୟକତାକୁ ପୂରଣ କରିପାରୁଛନ୍ତି ।

ଭବାନୀପାଟଣାର ହାଟ ଖୁବ୍ ସୁନ୍ଦର । ପ୍ରତି ଶନିବାର ଓ ମଙ୍ଗଳବାରଦିନ ସେହି ହାଟ ବସେ । ସେହି ହାଟରେ ପନିପରିବା ସହିତ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ମିଳେ । ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟ ଓ ସ୍ଥାନୀୟ ଉତ୍ପାଦରେ ଭରିଯାଏ ସେହି ହାଟ । ତେଣୁ ହାଟପାଳିକୁ ଚାହିଁ ବସିଥାନ୍ତି ସାରା ସହରବାସୀ ।

ଭବାନୀପାଟଣା ସହରରେ ଏବେ ଖୋଲିଲାଣି ନାମୀଦାମୀ ବ୍ରାଣ୍ଡର ଦୋକାନ ସବୁ । ଖୋଲିଲାଣି ମଲ୍ ଓ ମଲ୍ଟିପ୍ଲେକ୍ସ । ସହରରେ ମଧ୍ୟ ରହିଛି ଗେମ୍ ଜୋନ୍ ଓ ଅତ୍ୟାଧୁନିକ ରେଷ୍ଟୁରାଣ୍ଟ । ଏ ସବୁ ଯୁବଗୋଷ୍ଠୀଙ୍କ ମନରେ ଭରି ଦେଇଛି ଖୁବ୍ ଉତ୍ସାହ ।



ଭବାନୀପାଟଣା ସହର ନିକଟରେ ରହିଛି ଅନେକ ଦର୍ଶନୀୟ ସ୍ଥାନ । ସେଗୁଡିକ ମଧ୍ୟରୁ ଫୁର୍ଲିଝରନ୍, ରାବଣଦର, ଜାକମ୍ ଡାକବଙ୍ଗଳା ଏବଂ ପେନସୁଲ୍ ଡ୍ୟାମ୍ ଆଦି ଅନ୍ୟତମ । ଅଙ୍କାବଙ୍କା ବାଟରେ ଝରୁଥିବା ବଣ ଝରଣାଟି ଶିଳା ସନ୍ଧିରେ ଲମ୍ଫ ଦେଇ ସୃଷ୍ଟି କରିଛି ଫୁର୍ଲିଝରନ୍ ଜଳପ୍ରପାତ । କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ସେହି ପ୍ରପାତର ଦୃଶ୍ୟ ଖୁବ୍ ମନୋରମ । ଫୁର୍ଲିଝରନ୍‌ଠାରୁ ଅନତି ଦୂରରେ ଅବସ୍ଥିତ ଜାକମ୍ ଡାକବଙ୍ଗଳା । ଅରଣ୍ୟବିଭାଗର ସେହି ଡାକବଙ୍ଗଳାଟି କାଠରେ ତିଆରି । ସେଠାରେ ମଧ୍ୟ ସୁନ୍ଦର ଝରଣାଟିଏ ଝରି ଯାଉଛି । ଘନ ଜଙ୍ଗଲ ମଧ୍ୟରେ ଅବସ୍ଥିତ ସେହି ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ ନିମନ୍ତେ ସେଠାରେ ଏକ ୱାଚ୍ ଟାୱାର୍ ରହିଛି ।

ଭବାନୀପାଟଣା ସହରଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ ରାବଣଦର ଜଳପ୍ରପାତ । ବଣ ଜଙ୍ଗଲ ଭରା ଗୁଣ୍ଡି ସଂରକ୍ଷିତ ପାହାଡ ଉପରେ ଅବସ୍ଥିତ ସେହି ଜଳପ୍ରପାତର ଦୃଶ୍ୟ ମନ ମୋହିନିଏ । ସେହି ଜଳପ୍ରପାତଟି ଯେଉଁ ଝରଣା ଦ୍ୱାରା ସୃଷ୍ଟି ତାର ନାମ ପିପଲନାଲା । ସେହି ପାପଲନାଲାର ଜଳକୁ ଗୁଣ୍ଡି ପାହାଡର ପାଦଦେଶରେ ବନ୍ଧାଯାଇ ସୃଷ୍ଟି କରାଯାଇଛି ଏକ କୃତ୍ରିମ ହ୍ରଦ, ଯାହାର ନାମ ପେନସୁଲ୍ ଡ୍ୟାମ୍ । ସେହି ଡ୍ୟାମ୍‌ର ଦୃଶ୍ୟ ମଧ୍ୟ ଖୁବ୍ ମନ ମୁଗ୍ଧକର । ଭବାନୀପାଟଣା ବୁଲି ଆସୁଥିବା ଲୋକେ ସେସବୁ ସ୍ଥାନ ଦେଖିବା ନିମନ୍ତେ ଜମା ଭୁଲନ୍ତି ନାହିଁ ।

ଭବାନୀପାଟଣା ସହରରେ ଅନେକ ପର୍ବ ପର୍ବାଣୀ ପାଳିତ ହୁଏ । ସହରର ସବୁଠାରୁ ବଡ ପର୍ବ ହେଲା ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା । ସେହି ଯାତ୍ରା ଆଶ୍ୱିନ ଶୁକ୍ଳ ନବମୀ ଦିନ ଅନୁଷ୍ଠିତ ହୁଏ । ସେଦିନ ଆଖପାଖ ଅଞ୍ଚଳ ସମେତ ପଡୋଶୀ ଛତିଶଗଡ ଓ ଆନ୍ଧ୍ରପ୍ରଦେଶରୁ ଲକ୍ଷାଧିକ ଲୋକ ଭବାନୀପାଟଣାରେ ସମବେତ ହୋଇଥାନ୍ତି । ମାଙ୍କର ଛତର ଶୋଭାଯାତ୍ରାରେ ଭାଗନେଉଥିବା ଶତାଧିକ ଲୋକବାଦ୍ୟ ଓ ଲୋକନୃତ୍ୟ ଦଳ ଯୋଗୁଁ ସାରା ସହର ହୋଇଯାଏ ଖୁବ୍ ରଙ୍ଗମୟ । ଛତର ଯାତ୍ରା ବ୍ୟତୀତ ଗଣେଶପୂଜା, ନୂଆଖାଇ, ଚଇତ୍ରପର୍ବ ଓ ଦଶହରା ଆଦି ଭବାନୀପାଟଣା ସହରରେ ମହାସମାରୋହରେ ପାଳିତ ହୋଇଥାଏ । ସାରା ରାଜ୍ୟରେ ଗଣେଶପୂଜା ପରଦିନ ନୂଆଖାଇ ଅନୁଷ୍ଠିତ ହେଉଥିବାବେଳେ ଭବାନୀପାଟଣାରେ ତାହା ଭାଦ୍ରବ ଶୁକ୍ଳ ଦଶମୀ ଦିନ ପାଳିତ ହୋଇଥାଏ । ସେଦିନ ମା' ମାଣିକେଶ୍ୱରୀଙ୍କଠାରେ ନୂଆ ଶସ୍ୟର ପ୍ରସାଦ ଅର୍ପଣ କରି ଲୋକମାନେ ନୂଆ ଖାଇଥାନ୍ତି ।

କଳାହାଣ୍ଡି ସମ୍ପର୍କରେ ଅନେକ ପ୍ରତିକୂଳ ମନ୍ତବ୍ୟ ଗଣମାଧ୍ୟମରେ ପ୍ରକାଶ ପାଏ । ତେଣୁ ସେ ଜିଲ୍ଲାର ନାଁ ଶୁଣିଲେ ଲୋକଙ୍କର ବ୍ୟଥା ବଢେଇ ପଡେ । ବିଷେଷ କରି ସରକାରୀ କର୍ମଚାରୀଟିଏ ଯଦି ଭବାନୀପାଟଣାକୁ ବଦଳି ହୁଏ ତା ଆଖିରୁ ନିଦ ହଜିଯାଏ । ହେଲେ ଥରେ ଯିଏ ସେ ସହରକୁ ଆସିଛି, ସେ ଫେରିବାର ନାଁ ଧରେନାହିଁ । ସେଇଥିପାଇଁ ତ ସେ ସହରରେ ପରଦେଶୀ ପଡା ପରି ଅନେକ ଅଞ୍ଚଳ ରହିଛି ଯେଉଁଠାରେ ଜିଲ୍ଲା ବାହାରର ବହୁ ପରିବାର ସ୍ଥାୟୀ ଭାବରେ ବସବାସ କରୁଛନ୍ତି ।

ସତରେ ସୁନ୍ଦର ସେହି ସହର ଭବାନୀପାଟଣା । ଶୃଙ୍ଖଳିତ ତାହାର ଅଧିବାସୀ । ସ୍ନେହ ଶ୍ରଦ୍ଧାର ସହ, ସହବସ୍ଥାନ ତାହାର ଅନନ୍ୟ ପରମ୍ପରା । ବିଶୁଦ୍ଧ ପରିବେଶ ଓ ଶାନ୍ତିପ୍ରିୟ ମଣିଷ ତଥା ଭାଇଚାରା ପାଇଁ ସହରର ରହିଛି ବେଶ୍ କ୍ଷାତି । ନ ଦେଖିଥିବା ଲୋକେ କୁହନ୍ତି ଭବାନୀପାଟଣା ଏକ ଦୁଃଖର ଇଲାକା । ନାହିଁ ନାହିଁର ସହର । ହେଲେ ସେ ମାଟିରେ ପାଦଦେଲେ ତାହାର ଅଜଣା ଆକର୍ଷଣ ମନକୁ ବାନ୍ଧିରଖେ । ଫେରିବାପାଇଁ ମନ ବଳେ ନାହିଁ । ମନହୁଏ ସବୁଦିନ ସେଇଠି ରହିଯିବା ପାଇଁ ।

+ଶଙ୍କରପୁର,
ଚାରବାଟିଆ, କଟକ
ମୋ: ୯୮୬୧୧୨୬୧୯୭

ଘରୋଇ ଉପାୟରେ କରନ୍ତୁ କେଶ ସିଧା

ଆପଣ ଯଦି କୌଣସି ପାର୍ଟିଉତ୍ସବକୁ ଯାଉଛନ୍ତି ଏବଂ ଚାହୁଁଛନ୍ତି ଆପଣଙ୍କର କେଶ ବି କୌଣସି ହିରୋଇନ୍‌ଙ୍କ କେଶ ଭଳି ଚିକ୍କଣ ଓ ସିଧା ଦେଖାଯାଉ ବୋଲି ତେବେ ଚିନ୍ତା କରନ୍ତୁ ନାହିଁ । କାହିଁକି ନା, ଆଜି ଆମେ ଆପଣଙ୍କୁ ପାର୍ଲର ନ ଯାଇ ବିନା କୌଣସି କେମିକାଲ୍ ବ୍ୟବହାର ନ କରି ଘରୋଇ ଉପାୟ ଦ୍ୱାରା କେଶକୁ କିପରି ଚିକ୍କଣ ଓ ସିଧା କରାଯାଇପାରିବ ସେହି ବିଷୟରେ ଜଣାଇବୁ । ଆସନ୍ତୁ ଜାଣିବା ଏହା ବିଷୟରେ ।

ଆବଶ୍ୟକୀୟ ସାମଗ୍ରୀ:

୧- ୧୦ ଚାମଚ ଏଲୋଭରା ଜେଲ୍

୨-୧ ଚାମଚ ନଡ଼ିଆର ତେଲ

ପ୍ରସ୍ତୁତି : ପ୍ରଥମେ ଆପଣ ଏଲୋଭରାରୁ ତାହାର ଭିତର ଅଂଶର ଜେଲ୍‌କୁ ବାହାର କରି ତାହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଭଲକରି ପେସିଦିଅନ୍ତୁ । ଏହାପରେ ଆପଣ ଏକ ପାତ୍ରରେ ଏଲୋଭରା ଜେଲ୍‌ର ୧୦ ଚାମଚ ଏବଂ ଏକ ଚାମଚ ନଡ଼ିଆ ତେଲକୁ ଆଣି ତାହାକୁ ଭଲଭାବରେ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫେଣ୍ଟି ଦିଅନ୍ତୁ । ଏଥିସହିତ ଆପଣ ଆପଣଙ୍କ କେଶର ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବରେ ଏହାକୁ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ । ଏହାପରେ ଆପଣ ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ରଖି କେଶକୁ ଥଣ୍ଡାପାଣି ସାହାଯ୍ୟରେ ଧୋଇଦିଅନ୍ତୁ । ଏହାପରେ ଆପଣ ନିଜେ ହିଁ ଅନୁଭବ କରିବେ କି କିଭଳି ଭାବରେ ଆପଣଙ୍କ କେଶ ପୂର୍ବାପେକ୍ଷା ସିଧା, ସୁନ୍ଦର, ଚିକ୍କଣ ଏବଂ ନରମ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

କ୍ରିପ୍‌ଟୋକରେନ୍‌ସି...

ଆମ ଦେଶ କେବଳ ନୁହେଁ, ବିଶ୍ୱର ବହୁ ସ୍ଥାନରେ ଆରମ୍ଭ ହୋଇଗଲାଣି ଅଦୃଶ୍ୟ ମୁଦ୍ରା କାରବାର । ଯିଏ ଶୁଣୁଛି କହୁଛି ଏହି ଅଦୃଶ୍ୟ ମୁଦ୍ରା କାରବାର ପୁଣି କ'ଣ ! ନେଣ ଦେଣ କାରବାରର ମାଧ୍ୟମ ନେଇ ବହୁ କଥା କୁହାଯାଉଥିବାବେଳେ କ୍ରିପ୍‌ଟୋକରେନ୍‌ସି ଭଳି ଶବ୍ଦର ପ୍ରଚଳନ ନିଶ୍ଚିତ ରୂପେ କିଛି ଦ୍ୱନ୍ଦ୍ୱରେ ପକାଉଥିବ । କୌଣସି ନିର୍ଦ୍ଧାରିତ ସୂତ୍ରରୁ ସେମିତି କିଛି ମିଳିନଥିବାରୁ ଯେକୌଣସି ସୂତ୍ରରୁ ଯାହା ପ୍ରଚାରିତ ହେଉଛି, ତାହାର କେଉଁ ସୂତ୍ରରୁ କ'ଣ ତର୍ଜମା କରାଯାଉଛି, ଜାଣିବା ସହଜ ହେଉନାହିଁ । ମାତ୍ର ଏତିକି ବହୁଳ ପ୍ରଚାରିତ ତଥ୍ୟ ସୂଚାଉଛି କି, କମ୍ ନିବେଶରେ ଧନରାଶି ବହୁଗୁଣିତ କରାଯିବାର ଏକ ଆଖିଦୃଶିଆ ସାଧନ ହୋଇପାରିଛି ଏହି କ୍ରିପ୍‌ଟୋକରେନ୍‌ସି । ଯେମିତି କରୋନା ସଂକ୍ରମଣ ହେତୁ ସଭା ସମିତି ଭର୍ଚୁଆଲ୍ ମୋଡ୍‌ରେ କରାଯାଉଛି, ସେମିତି କୁଆଡ଼େ କ୍ରିପ୍‌ଟୋକରେନ୍‌ସି ହେଉଛି ଭର୍ଚୁଆଲ୍‌ରେ । ଯଦି ତମାମ ବିଶ୍ୱରେ ଏହି ଅଦୃଶ୍ୟ ମୁଦ୍ରାର ସ୍ଥିତି ଓ ପ୍ରସାର ଦୃଢ଼ ହେବାର ସୂଚନା ମିଳିବ, କିଏ ଜାଣେ ଏହା ହୋଇପାରେ ଭବିଷ୍ୟତର ବିନିମୟ ମାଧ୍ୟମ । ପୁଞ୍ଜିବଜାରରେ ଏହି କ୍ରିପ୍‌ଟୋକରେନ୍‌ସିରେ ନିବେଶ ପରିମାଣ ଆଖିଦୃଶିଆ ଭାବେ ବଢ଼ିଯାଉଥିବା ପରିପ୍ରେକ୍ଷୀରେ ୟୁରୋପଠାରୁ ଆରମ୍ଭ କରି ବିଭିନ୍ନ ଦେଶରେ ଏହି ବିନିମୟ ମାଧ୍ୟମର ଲୋକପ୍ରିୟତା ବୃଦ୍ଧି ପାଉଛି । ତୁରନ୍ତ ଲାଭ ପାଇବାର ପ୍ରବଣତା ଅଧିକ ହେଉଥିବାରୁ ଏହି କ୍ରିପ୍‌ଟୋକରେନ୍‌ସି ପ୍ରଚଳନ ସକାଶେ ପ୍ରବଣତା ମଧ୍ୟ ଅଧିକ ହେଉଥିବାର ଲକ୍ଷ୍ୟ କରାଯାଉଛି । ଆମ ଦେଶ ସମେତ ବହୁ ସ୍ଥାନରେ କ୍ରିପ୍‌ଟୋକରେନ୍‌ସି ସକାଶେ ବିଧିବଦ୍ଧ ଆଇନ ପ୍ରଣୟନ ହୋଇନାହିଁ । ତାହାବାଦ୍ ବଜାରରେ ଏହି ମୁଦ୍ରା ଆକାରରେ ଖଟାଯାଉଥିବା ପୁଞ୍ଜିର ସୁରକ୍ଷା ନେଇ କିଛି ଠୋସ୍ ସୂଚନା ଉପଲବ୍ଧ ନୁହେଁ । ସୁତରାଂ ଲକ୍ଷ ବା କୋଟି ସଂଖ୍ୟାରେ ପୁଞ୍ଜି ଲଗାଉଥିବା ନିବେଶକାରୀଙ୍କ ସ୍ୱାର୍ଥରକ୍ଷା ବହୁତ ବଡ଼ ପ୍ରଶ୍ନ ହୋଇ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନ ତଳେ ଏହି ଅଦୃଶ୍ୟ ମୁଦ୍ରା କାରବାର ଆମ ଭଳି ବିଶାଳ ରାଷ୍ଟ୍ରରେ କେତେଦୂର ସମ୍ଭବ, ତାହା ଠିକ୍ ରୂପେ କୁହାଯାଇ ପାରିବ ନାହିଁ । ଏହା ଭିତରେ ଯେଉଁମାନେ କ୍ରିପ୍‌ଟୋକରେନ୍‌ସି କାରବାର ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିବାକୁ ଚାହୁଁଛନ୍ତି, ସେମାନେ ମନଲୋଭା ବିଜ୍ଞାପନ ଜରିଆରେ ନୂଆ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି । ମାତ୍ର ଶହେ ଡଲାର ମୁଦ୍ରା ବିଟ୍‌କଏନ୍ ଖଟାଇଲେ କେତେ ବେଶୀ ଅମଳ ହେବ, ତାହା ଦର୍ଶାଇ ଜାଲ ପକାଇ ଦିଆଯାଉଛି । ତୁରନ୍ତ ଓ ଅଧିକ ଲାଭ ଆଶାରେ ଏହି କ୍ରମରେ କୋଟି ସଂଖ୍ୟାରେ ନିବେଶକାରୀ ବଜାରରେ ପ୍ରବେଶ କରୁଛନ୍ତି । ଏହା ଉପରେ ସବୁ ସ୍ତରରେ ଜୋରଦାର ଚର୍ଚ୍ଚା ମଧ୍ୟ କାରବାରକୁ ପ୍ରସାରିତ କରିବାରେ ସହାୟକ ହେଉଛି । ଭାରତରେ ବିଟ୍‌କଏନ୍ କାରବାର ନେଇ ଶୀଘ୍ର ବିଧିବଦ୍ଧ ଆଇନ ଅଣାଯିବାର ପ୍ରୟାସ ଆରମ୍ଭ ହୋଇଯାଇଥିବା ଭଳି ମନେ ହେଉଛି । ଭାରତରେ କ୍ରିପ୍‌ଟୋକରେନ୍‌ସିରେ ପୂର୍ବାପେକ୍ଷା ନିବେଶକାରୀଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଯାଇଥିବାରୁ ରିଜର୍ଭ ବ୍ୟାଙ୍କ ଏନେଇ ଉଚ୍ଚସ୍ତରୀୟ ବିଚାରବିମର୍ଶ ଆରମ୍ଭ କରିଦେଇଛି । ହେଲେ ଏଯାଏଁ ରିଜର୍ଭ ବ୍ୟାଙ୍କକୁ ଜଣାନାହିଁ, ଭାରତକୁ ବର୍ଦ୍ଧିତ ଚାହିଦା ପୂରଣ ଲକ୍ଷ୍ୟରେ କେତେ ପରିମାଣର ଅଦୃଶ୍ୟମୁଦ୍ରା ପ୍ରବେଶ କରୁଛି । ସୁତରାଂ, ଭର୍ଚୁଆଲ୍ ମୁଦ୍ରାରୁ କେତେ ଭାରତରେ ଉପଲବ୍ଧ, ତାହା ନେଇ କାହାରି ପାଖରେ ଠୋସ୍ ତଥ୍ୟ ନାହିଁ । କୁହାଯାଇପାରେ ଯେ, ଭାରତ ସରକାର ଦୂରର କଥା, ତାହାର ଆର୍ଥିକ ବାହୁ କୁହାଯାଉଥିବା ରିଜର୍ଭ ବ୍ୟାଙ୍କ କ୍ରିପ୍‌ଟୋକରେନ୍‌ସି ନେଇ ଏଯାଏଁ ଅନ୍ଧାରରେ ବାଡ଼ି ବୁଲାଉଛି । ବିଶ୍ୱରେ ହଜାର ହଜାର ଭର୍ଚୁଆଲ ମୁଦ୍ରା ଆତଯାତ ହେବାରେ ଲାଗିଛି । ସୁତରାଂ, ପ୍ରଧାନମନ୍ତ୍ରୀ ବସ୍ତୁତଃ ଅର୍ଥଶାସ୍ତ୍ରୀମାନଙ୍କ ଆଶଙ୍କା ଆଧାରରେ କହିଛନ୍ତି, ଭଲ-ଭେଲ ନବୁଝି କିଭଳି ଅଦୃଶ୍ୟ ମୁଦ୍ରା ପାଇଁ ଅନୁମତି ଦେଇହେବ, ବୁଝି ହେଉନାହିଁ । ସେଥିସହିତ ଆମ ଦେଶ ଓ ବିଦେଶରେ ଯେମିତି ଆର୍ଥିକ ଠକେଇ ଓ ଜାଲିଆତି ଅଭିଯୋଗ ଚାଲୁଛି, କଥିତ କରେନ୍‌ସିର ପ୍ରଚଳନର ଭବିଷ୍ୟତ ନେଇ ଏବେଠାରୁ କିଛି ଭବିଷ୍ୟ ବାଣୀ କରାଯିବା ସହଜ ହେବନାହିଁ । ରିଜର୍ଭ ବ୍ୟାଙ୍କ କି' ସରକାର ସମଗ୍ର ପ୍ରକରଣର କେବଳ ମୂକ ଦର୍ଶକ ହୋଇ ରହିବା ସାର ହେବ । ସେଭଳି କ୍ଷେତ୍ରରେ ଉଜୁଡ଼ା ଅର୍ଥନୀତି ଅଧିକ ବିଗିଡ଼ିଯିବ, ବିଶେଷ କରି କରୋନା କ୍ଷତିଗ୍ରସ୍ତ ବିଶ୍ୱ ଅର୍ଥନୀତି ସହିତ ଭାରତୀୟ ବ୍ୟବସ୍ଥା ରହିଥିବା ଭିତରେ ସମ୍ଭାବ୍ୟ ସ୍ଥିତିକୁ ନିୟନ୍ତ୍ରଣ କରାଯିବ, ତାହାର ଉପାୟ ପାଞ୍ଚିବା ଏକମାତ୍ର ପନ୍ଥା ନୁହେଁ କି ?

ସେମାନେ କାହିଁକି ଦର୍ଶନ ପଢ଼ିଲେ ?

ମହାନ୍ ବାଗ୍ମୀ ଶ୍ରୀ ହୃଦାନନ୍ଦ ରାୟ ତାଙ୍କ ଆତ୍ମଜୀବନୀ 'ଜାଣେ ଅନୁଭବୀ ଅନୁଭବରେ'ରେ ଲେଖିଛନ୍ତି, 'ଆଇ.ଏ. ପାଶ୍ କରିଗଲି । (ବି.ଏ.ରେ) ଗଣିତକୁ ବାଦ୍‌ଦେଇ ଓଡ଼ିଆ ସାହିତ୍ୟ ଓ ଦର୍ଶନ ପଢ଼ିବା ଲାଗି ମୁଁ ମନସ୍ଥ କରିଥିଲି । ମୂଳ କାରଣ ହେଲା, ଓଡ଼ିଆ ସାହିତ୍ୟରେ ତ ପରିଶ୍ରମ କରିବାକୁ ପଡ଼ିବନାହିଁ । ତେଣୁ ସକଳ ଶ୍ରମ ଓ ସମୟ ଦର୍ଶନଶାସ୍ତ୍ର ଅଧ୍ୟୟନରେ ପୁଞ୍ଜି ରୂପେ ଖଟାଇଦେବା ଲାଗି ମୁଁ ସୁସମୟର ଅପେକ୍ଷା କରୁଥିଲି ।'

ଡକ୍ଟର ନାରାୟଣ ମହାନ୍ତି

ବିଶ୍ୱବ୍ୟାପୀ ଦାର୍ଶନିକ ଚିନ୍ତନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ନଭେମ୍ବର ମାସର ତୃତୀୟ ଗୁରୁବାର ଦିନ 'ବିଶ୍ୱ ଦର୍ଶନ ଦିବସ' ପାଳନ କରାଯାଇଥାଏ । ୟୁନେସ୍କୋର ଘୋଷଣା ଅନୁଯାୟୀ ୨୦୦୨ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ୟୁନେସ୍କୋର ସାଧାରଣ ସଭା ତରଫରୁ ଦର୍ଶନର ଗୁରୁତ୍ୱକୁ ଉପଲବ୍ଧି କରି ୨୦୦୫ରେ କୁହାଯାଇଛି ଯେ, ଦର୍ଶନଶାସ୍ତ୍ର ସମୀକ୍ଷାତ୍ମକ ଓ ସ୍ୱାଧୀନ ଚିନ୍ତନକୁ ଉତ୍ସାହିତ କରିଥାଏ, ଜଗତକୁ ଭଲ ଭାବରେ ବୁଝିବା ଦିଗରେ ପଥପ୍ରଦର୍ଶନ କରିଥାଏ ଏବଂ ଶାନ୍ତି ଓ ସହିଷ୍ଣୁତା ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଯଥେଷ୍ଟ ପୂର୍ବରୁ ଦର୍ଶନଶାସ୍ତ୍ରକୁ 'ସକଳ ବିଜ୍ଞାନର ବିଜ୍ଞାନ ଓ ସକଳ କଳାର କଳା' ଆଖ୍ୟା ଦିଆଯାଇଛି । ପୁଣି ଉଲ୍ଲେଖଯୋଗ୍ୟ ଯେ, ଜ୍ଞାନରାଜ୍ୟର ଯେକୌଣସି ବିଭାଗରେ ଗବେଷଣା କରି ସଫଳତା ହାସଲ କଲେ ବିଶ୍ୱବିଦ୍ୟାଳୟ ତରଫରୁ ଡକ୍ଟର ଅଫ୍ ଫିଲୋସଫି (ଦର୍ଶନ) ଉପାଧି ପ୍ରଦାନ କରାଯାଇଥାଏ ।

ଦର୍ଶନଶାସ୍ତ୍ର ଏକ ବିଜ୍ଞାନ (ସାଇନ୍ସ) ନୁହେଁ କିମ୍ବା ଏକ କଳା (ଆର୍ଟସ) ମଧ୍ୟ ନୁହେଁ । ତା' ସତ୍ତ୍ୱେ ଏହାକୁ 'ସକଳ ବିଜ୍ଞାନର ବିଜ୍ଞାନ ଓ ସକଳ କଳାର କଳା' ବୋଲି କୁହାଯାଇଥାଏ । ମନରେ ପ୍ରଶ୍ନ ଆସେ, କାହିଁକି ଲୋକମାନେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥାନ୍ତି ? କେଉଁଥିପାଇଁ ସେମାନେ ଦର୍ଶନଶାସ୍ତ୍ର ପ୍ରତି ଆକୃଷ୍ଟ ହୋଇଥାନ୍ତି ? ଆମେରିକୀୟ ଦାର୍ଶନିକ ଜନ୍ ହସ୍‌ପର୍ସ ଲେଖିଛନ୍ତି ଯେ, ବିଭିନ୍ନ ଆଭିମୁଖ୍ୟ ନେଇ ଲୋକମାନେ ଦର୍ଶନଶାସ୍ତ୍ରର ନିକଟବର୍ତ୍ତୀ ହୋଇଥାନ୍ତି । କେତେକ ବ୍ୟକ୍ତି ବିଜ୍ଞାନ ପ୍ରତି ଆଗ୍ରହରୁ, କେତେକ ବ୍ୟକ୍ତି କଳା ପ୍ରତି ଶ୍ରଦ୍ଧାରୁ ଏବଂ କେତେକ ବ୍ୟକ୍ତି ଧର୍ମ ପ୍ରତି ଆନ୍ତରିକତାରୁ ଦର୍ଶନଶାସ୍ତ୍ର ପ୍ରତି ଆକର୍ଷିତ ହୋଇଥାନ୍ତି । କେହିକେହି କୌଣସି ବୌଦ୍ଧିକ ପୃଷ୍ଠଭୂମି ନଥାଇ ଘଟଣାବଳୀର ବ୍ୟାଖ୍ୟାରେ ଅସନ୍ତୁଷ୍ଟ ହୋଇ କିମ୍ବା ସଂସାରର ମୂଳଉତ୍ସ ସମ୍ପର୍କରେ ଜାଣିବା ପାଇଁ ଦର୍ଶନଶାସ୍ତ୍ର ଆଡ଼କୁ ଟାଣିହୋଇ ଆସିଥାନ୍ତି । ପୁନଶ୍ଚ କେହିକେହି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନରଖି ଦାର୍ଶନିକମାନେ କେଉଁ ବିଷୟରେ ଆଲୋଚନା କରନ୍ତି, ତାହା ଜାଣିବାକୁ ଦର୍ଶନଶାସ୍ତ୍ର ପ୍ରତି ଆକୃଷ୍ଟ ହୋଇଥାନ୍ତି ।

ଏହି ପ୍ରସଙ୍ଗରେ ଓଡ଼ିଶାର ଚାରିଜଣ ଦର୍ଶନଶାସ୍ତ୍ରବିତ୍‌ଙ୍କ କଥା ଉଲ୍ଲେଖ କରିବା ମୋ ପ୍ରବନ୍ଧର ଉଦ୍ଦେଶ୍ୟ ଅଟେ । ସେମାନେ କାହିଁକି ଦର୍ଶନଶାସ୍ତ୍ର ଅଧ୍ୟୟନ କଲେ ସେକଥା ନିଜନିଜର ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି । ପାଠକମାନଙ୍କ ଅବଗତି ନିମନ୍ତେ ସେସବୁ ନିମ୍ନରେ ଉପସ୍ଥାପନ କରୁଛି ।

ପ୍ରଫେସର ରାଧାନାଥ ରଥ (ମନସ୍ତତ୍ତ୍ୱ) ତାଙ୍କ ଆତ୍ମଜୀବନୀ 'ମୋ ସ୍ୱପ୍ନ ମୋ ଜୀବନ'ରେ ଲେଖିଛନ୍ତି, 'ପ୍ରଥମେ ମୁଁ ନେଇଥିଲି ଇଂରାଜୀ ଅନର୍ସ, କିନ୍ତୁ କିଛିଦିନ ପରେ ଦର୍ଶନଶାସ୍ତ୍ର (ଅନର୍ସ) ନେଲି । ଦର୍ଶନଶାସ୍ତ୍ର ନେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ, ଆଇ.ଏ. ପଢ଼ିବା ସମୟରେ ମୋର ଧର୍ମ ପ୍ରତି ଯେଉଁ ସନ୍ଦେହ ଓ ଦ୍ୱନ୍ଦ୍ୱାତ୍ମକ ଭାବ ଦେଖାଦେଇଥିଲା, ତା'ର ବୌଦ୍ଧିକ ସ୍ତରରେ ସମାଧାନ ହେବା ଦରକାର ଥିଲା । ତେଣୁ ଭାବିଲି, ଇଂରାଜୀରେ ଯେଉଁସବୁ ବହି ପଢ଼ା ହେଉଛି, ସେଥିରୁ ତ ବହୁବହି ପଢ଼ିସାରିଛି । ତା'ଛଡ଼ା ଘରେ ବି ଇଂରାଜୀ ସାହିତ୍ୟ ପଢ଼ି ହେବ । ତେଣୁ ଦର୍ଶନଶାସ୍ତ୍ର ପଢ଼ି ଭଗବାନଙ୍କର ଅସ୍ତିତ୍ୱ ବିଷୟରେ କାହିଁକି ଆଲୋଚନା ନକରିବି ? କେତେକେତେ ଦାର୍ଶନିକ ସେମାନଙ୍କର ମତାମତ ପ୍ରକାଶ କରିଛନ୍ତି । ସେମାନଙ୍କର ସହିତ ଶାସ୍ତ୍ରୀୟ ପରିଚୟ ହେଲେ ମୋ ମନର ଦ୍ୱନ୍ଦ୍ୱ ବିଷୟରେ କିଛି ସମାଧାନ ମିଳିପାରେ । ତେଣୁ ଦର୍ଶନ ବିଭାଗକୁ ଆସିଲି ।'

ମହାନ୍ ବାଗ୍ମୀ ଶ୍ରୀ ହୃଦାନନ୍ଦ ରାୟ ତାଙ୍କ ଆତ୍ମଜୀବନୀ 'ଜାଣେ ଅନୁଭବୀ ଅନୁଭବରେ'ରେ ଲେଖିଛନ୍ତି, 'ଆଇ.ଏ. ପାଶ୍ କରିଗଲି । (ବି.ଏ.ରେ) ଗଣିତକୁ ବାଦ୍‌ଦେଇ ଓଡ଼ିଆ ସାହିତ୍ୟ ଓ ଦର୍ଶନ ପଢ଼ିବା ଲାଗି ମୁଁ ମନସ୍ଥ କରିଥିଲି । ମୂଳ କାରଣ ହେଲା, ଓଡ଼ିଆ ସାହିତ୍ୟରେ ତ ପରିଶ୍ରମ କରିବାକୁ ପଡ଼ିବନାହିଁ । ତେଣୁ ସକଳ ଶ୍ରମ ଓ ସମୟ ଦର୍ଶନଶାସ୍ତ୍ର ଅଧ୍ୟୟନରେ ପୁଞ୍ଜି ରୂପେ ଖଟାଇଦେବା ଲାଗି ମୁଁ ସୁସମୟର ଅପେକ୍ଷା କରୁଥିଲି ।'

ପ୍ରଫେସର ଗଣେଶ୍ୱର ଦାସ ତାଙ୍କ ଆତ୍ମଜୀବନୀ 'ମନେପଡ଼େ'ରେ ଲେଖିଛନ୍ତି, 'ସେଇ ରେଭେନ୍ସା କଲେଜରେ ବି.ଏ. ପଢ଼ିବା ସମୟରେ ପୁଣି ମାନସିକ ଦ୍ୱନ୍ଦ୍ୱ (ହେଲା) । କେଉଁ ବିଷୟରେ ଅନର୍ସ ନେବି ? ଇଂରାଜୀ ପ୍ରଫେସର ବିଧୂଭୂଷଣ ଦାସ ଆଇ.ଏ.ଏସ୍. ପରୀକ୍ଷା ପରିପ୍ରେକ୍ଷୀରେ ଅର୍ଥନୀତି କିମ୍ବା ଇଂରାଜୀରେ ଅନର୍ସ ନେବା ଲାଗି ଉପଦେଶ ଦେଉଥାଆନ୍ତି । ମତେ ଭଲଲାଗୁଥିବା ଗଣିତ ବିଷୟରେ ଅନର୍ସ ନେବା ଲାଗି ଅନେକ ବନ୍ଧୁ ଓ ଅଧ୍ୟାପକ ମନା କରୁଥାଆନ୍ତି । କାରଣ ଉଚ୍ଚ ଶ୍ରେଣୀରେ ଗଣିତ ଏତେ ସହଜ ବୋଧ ହେବନାହିଁ । ପ୍ରକୃତରେ କହିବାକୁ ଗଲେ, ସେତେବେଳେ ଚାକିରି ବା ଭବିଷ୍ୟତ ଦୃଷ୍ଟିରୁ ବିଷୟ ଉପରେ କେହି ପ୍ରାଧାନ୍ୟ ଦେଉନଥାନ୍ତି । ମୋଟରେ ଯେକୌଣସି ବିଷୟ ପଢ଼ିଲେ ଚଳିବ - ଏଇ ଥିଲା ସାଧାରଣ ମନୋବୃତ୍ତି । ଶେଷରେ ଦର୍ଶନଶାସ୍ତ୍ରରେ ଅନର୍ସ ନେଇ ପଢ଼ିଲି । ଦର୍ଶନ ପାଠ୍ୟ ଏତେ ଭଲ ନଲାଗୁଥିଲେ ବି ପ୍ରଫେସର ଡକ୍ଟର ଗଣେଶ୍ୱର ମିଶ୍ର, ପ୍ରଫେସର ଡକ୍ଟର ରାଧାନାଥ ରଥ, ପ୍ରଫେସର ଡକ୍ଟର ଶ୍ରୀନିବାସ ସାହୁ ପ୍ରଭୃତିଙ୍କର ସ୍ନେହ, ଯତ୍ନ ଓ ଆଗ୍ରହ ମୋତେ ପାଠପଢ଼ାରେ ଆଗେଇନେଲା ।'

ଅଧ୍ୟାତ୍ମପୁରୁଷ ଅଧ୍ୟାପକ ଶ୍ରୀପତି ଓରଫ ଶ୍ରୀ କାଙ୍ଗାଳୀ ଚରଣ ପତି ତାଙ୍କ 'ଛାତ୍ରଜୀବନର ଡାଏରୀ'ରେ ଲେଖିଛନ୍ତି ଯେ, ଉଦ୍ଦେଶ୍ୟ ଥିଲା ଅତିକଷ୍ଟ ସହି ନିଶ୍ଚେ ବି.ଏ.ରେ ଦର୍ଶନଶାସ୍ତ୍ର (ଅନର୍ସ) ନେଇ ପାଶ କରିବି । ମୋର ପିଲାଦିନରୁ ଦୃଢ଼ ବିଶ୍ୱାସ ଓ ଏକାନ୍ତ ଆନ୍ତରିକ ଇଚ୍ଛା ଥିଲା ଓ ଅନ୍ତରର ଏକ ପ୍ରାକୃତିକ ପିପାସା ଥିଲା ଯେ ମୁଁ ଦର୍ଶନଶାସ୍ତ୍ର ପଢ଼ିଲେ ନିଶ୍ଚେ ଭଲ କରିବି ଓ ସବୁଠାରୁ ଭଲ କରିବି । ତା'ପରେ ସୁଯୋଗ ମିଳିଲେ ଏମ୍.ଏ. ପାଠ୍ୟକ୍ରମ ସମାପ୍ତ କରି ଆଇନ ଏବଂ ଡି. ଇଡି. ପଢ଼ିସାରି କୌଣସିଠାରେ ଶିକ୍ଷକତା କରିବି । କେବେହେଲେ ମୁଁ ପ୍ରଶାସନିକ ବା ନ୍ୟାୟପାଳିକା ବିଭାଗକୁ ଯିବାକୁ ଇଚ୍ଛୁକ ନଥିଲି । ସବୁବେଳେ ଶିକ୍ଷକତା ଓ ଦେଶର ଜନତାର ଶିକ୍ଷା ପ୍ରତି ଦୃଷ୍ଟି ଥିଲା ଏବଂ ବେଳେବେଳେ ମୁଁ ଏତେ ଖୁସି ହୋଇଥିଲି ଯେ ମୁଁ ସବୁଠାରୁ ଜଣେ ଭଲ ଶିକ୍ଷକ ହେବି ଓ ଛାତ୍ରମାନଙ୍କୁ ମୋର ଶକ୍ତି ଓ ସାହସ ବଳରେ ଶକ୍ତିମାନ ଓ ସାହସୀ କରିବି ।'

ସୁତରାଂ ବିଭିନ୍ନ ଆଭିମୁଖ୍ୟ ନେଇ ଲୋକମାନେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥାନ୍ତି ବୋଲି ଜନ୍ ହସ୍‌ପର୍ସଙ୍କର ମନ୍ତବ୍ୟ ଯଥାର୍ଥ ମନେହୁଏ ।

+ ପ୍ରାଧ୍ୟାପକ, ଦର୍ଶନ ବିଭାଗ
(ଅବସରପ୍ରାପ୍ତ)
ଜେକେବିକେ ସରକାରୀ କଲେଜ
କଟକ-୭୫୩୦୦୩

ଶ୍ରୀଜଗନ୍ନାଥ ସଂସ୍କୃତିରେ ପଞ୍ଚକ ବ୍ରତ

ଅମୂଲ୍ୟ କୁମାର ପଣ୍ଡା

କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଏ । ଏହା ମହା ପଞ୍ଚକ, ବକପଞ୍ଚକ ବା ଭୀଷ୍ମପଞ୍ଚକ ଏବଂ ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିବସ ଠାରୁ ସାତଦିନ ହବିଷ୍ୟ କରନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହିପଞ୍ଚକରେ ବକମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ 'ବକ ପଞ୍ଚକ' କୁହାଯାଏ । ଶର ଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ କହିଲେ ଆପଣ ଧନ୍ୟ । ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ଏକାଦଶୀ ଦିନ ତମେ ଜଳର ଇଚ୍ଛା କରିଛ । ଅର୍ଜୁନ ବାଣଦ୍ୱାରା ଗଙ୍ଗାଜଳ ପ୍ରସ୍ତୁତ କଲେ, ଯଦ୍ୱାରା ତମର ତନ, ମନ, ପ୍ରାଣ ସନ୍ତୁଷ୍ଟ ହେଲା । ଏଣୁ ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯେଉଁମାନେ ତୁମକୁ ଜଳ ଅର୍ଘଦାନ କରିବେ- ସେମାନେ ମୋତେ ତୃପ୍ତକରିବେ । ଏହା ହେଉଛି ଭୀଷ୍ମପଞ୍ଚକ- ପ୍ରତିବର୍ଷ ପାଳିତ ହେବ । ସାଧାରଣତଃ ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମପଞ୍ଚକ ବ୍ରତ ପାଳନ କରନ୍ତି ।

ବାରମାସ ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ । କାର୍ତ୍ତିକ ମାସପରି ମାସନାହିଁ, ସତ୍ୟ ଯୁଗପରି ଯୁଗ ନାହିଁ, ବେଦସମ ଶାସ୍ତ୍ର ନାହିଁ । ଗଙ୍ଗା ସଦୃଶ ତୀର୍ଥ ନାହିଁ । କାର୍ତ୍ତିକ ମାସଟି ଏକ ପବିତ୍ର ମାସ । କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପରମ ପବିତ୍ର ଦିବସ । ଏହି ପଞ୍ଚକରେ ତେତିଶ କୋଟି ଦେବତା ମନୁଷ୍ୟମାନଙ୍କର ସନ୍ନିକଟ ହୋଇଯାନ୍ତି । ପାଞ୍ଚଦିନ ଗୋବିନ୍ଦ ନାମ ସ୍ମରଣକଲେ ଅକ୍ଷୟପୁଣ୍ୟ ପ୍ରାପ୍ତିହୁଏ । ଭାଗବତ ଏବଂ ଗୀତା ପାଠ କରିବା ବିଧେୟ । ଏହିସମୟରେ ପ୍ରତ୍ୟେହ ଗୀତାର ଗୋଟିଏ ଶ୍ଳୋକ ପାଠକରି ମଧ୍ୟ ମନୁଷ୍ୟ ମୋକ୍ଷ ପ୍ରାପ୍ତିର କାମନା କରିଥାଏ । ପଞ୍ଚକ ପାଳନ ଦ୍ୱାରା ପାପନାଶ ଓ ମୋକ୍ଷ ପ୍ରାପ୍ତି ଘଟେ ଯାହାକି, ପ୍ରତିଟି ଜୀବନର ଚରମ ଲକ୍ଷ୍ୟ । ପଞ୍ଚକ ପାଞ୍ଚଦିନ ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥ ଓ ତାଙ୍କ ଭାଇ ଭଉଣୀଙ୍କର ପାଞ୍ଚପ୍ରକାର ବେଶହୁଏ । ପଞ୍ଚକ ଶୁକ୍ଳ ଏକାଦଶୀ ଯାହାକୁ ବଡ଼ ଏକାଦଶୀ ମଧ୍ୟ କୁହଯାଏ ଆଉ ଏହିଦିନ ଲକ୍ଷ୍ମୀ ନାରାୟଣବେଶ, ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ; ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ପୂର୍ଣ୍ଣିମାଦିନ ରାଜ ରାଜେଶ୍ୱର ବା ସୁନାବେଶ ଲାଗିହୁଏ । ଯେଉଁ ବର୍ଷ ସଂଚୁକ ଛଦିନ ପଡ଼େ, ସେବର୍ଷ ଷଷ୍ଠ ଦିବସଟିରେ

ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୩୬

ପିତାମହ ଭୀଷ୍ମ । ହୋଇପାରନ୍ତି ସେ ଦୁର୍ଯ୍ୟୋଧନଙ୍କର ଅପ୍ରିୟ । ତା ବୋଲି ହସ୍ତିନାପୁର ଛାଡ଼ି ଚାଲିଯିବା ତାଙ୍କ ପକ୍ଷରେ ମଧ୍ୟ ଅସମ୍ଭବ । ନିଜ ପିତାଙ୍କୁ ଦେଇଥିବା ବଚନ ତାଙ୍କୁ ରକ୍ଷା କରିବାକୁ ପଡ଼ିବ । ପାଣ୍ଡବମାନେ ମଧ୍ୟ ତାଙ୍କର ପ୍ରିୟ । ବିଶେଷକରି ମଧ୍ୟମ ପାଣ୍ଡବ ଅର୍ଜୁନ ହିଁ ତାଙ୍କର ପ୍ରିୟ ପୌତ୍ର । ମହାରାଜଙ୍କ ଅତ୍ୟଧିକ ପୁତ୍ରସ୍ନେହର ସେ ଘୋର ବିରୋଧି । ସତ୍ୟ, ନ୍ୟାୟର ପ୍ରତୀକ ପାଣ୍ଡବମାନେ ହସ୍ତିନାପୁର ଛାଡ଼ି ଚାଲିଗଲେ ମଧ୍ୟ, ପିତାମହ ରହିବେ ଆଉ ତାଙ୍କ ସହ ରହିବେ ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟ ମଧ୍ୟ । ତେଣୁ ନିଷ୍ପତ୍ତି ହେଲା ପାଣ୍ଡବମାନଙ୍କ ସହ କୁରୁ ସାମ୍ରାଜ୍ୟର କେହି ବି ଗୁରୁଜନ ଖାଣ୍ଡବପ୍ରସ୍ଥ ଯିବେନି । ସମସ୍ତେ ଏଇଠାରେ ରହି ଦେଖିବେ ଆଗକୁ କ'ଣ ଘଟିବାକୁ ଯାଉଛି ।

ଏହା ନିଶ୍ଚିତ ସତ୍ୟ ଯେ, ସମୟ ଯେତେବେଳେ ଯାହା ଘଟାଇବାର ଥିବ ନିଶ୍ଚିତ ଘଟିବ । ଅନନ୍ତ ସମୟକୁ ରୋକିବାର ଶକ୍ତି କାହାର ନାହିଁ । ଶେଷରେ ସେଇଆ ହିଁ ହେଲା । ରାଜସଭାରେ ନିଷ୍ପତ୍ତି ହେବାର ପରଦିନ ହିଁ ପାଣ୍ଡବମାନେ ସେମାନଙ୍କ ମାତା ଓ ପତ୍ନୀଙ୍କ ସହ ଖାଣ୍ଡବପ୍ରସ୍ଥକୁ ଗମନ କଲେ । ଅନ୍ୟମାନେ ରହିଗଲେ ହସ୍ତିନାପୁରରେ । ସାରା ରାଜ୍ୟବାସୀ ସେମାନଙ୍କୁ ଅଶ୍ରୁପୂର୍ଣ୍ଣ ଲୋଚନରେ ବିଦାୟ ଦେଲେ । ଦୁର୍ଯ୍ୟୋଧନ ଇତ୍ୟାଦିଙ୍କ ମନରେ ଖେଳି ଯାଉଥିଲା ଅପୂର୍ବ ଉଲ୍ଲାସ । ମୁଁ କିନ୍ତୁ ସେମାନଙ୍କ ଆନନ୍ଦରେ ସହଭାଗୀ ହୋଇପାରୁ ନଥିଲି । ଖାଲି ଭାବୁଥିଲି ହସ୍ତିନାପୁର ରାଜ୍ୟବାସୀଙ୍କ ଆଖିରୁ ଝରୁଥିବା ତପ୍ତ ଅଶ୍ରୁଧାର ଆଗାମୀ ଭବିଷ୍ୟତରେ ଯେ ଦିନେ ଉତ୍ତପ୍ତ ଲାଭା ହୋଇ ଏ ମାଟିରେ ଅଗ୍ନି ଉଦ୍‌ଗୀରଣ ନ କରିବ, ତାହା କିଏ କହି ? ଆଜି ଯେଉଁମାନେ ଏ ରାଜ୍ୟରେ ରହିବାର ସୌଭାଗ୍ୟ ପାଇଛନ୍ତି, କାଲି ହୁଏତ ସେହିମାନଙ୍କର ଭାଗ୍ୟଚକ୍ର ବଦଳିଯିବ । ସମୟ ହାତରେ ସେସବୁ ନିର୍ଭର କରେ ।

ସମୟ । ଯାହାର କେବେ କ୍ଳାନ୍ତି ନାହିଁ, ଅବସର ନାହିଁ । ବସି ରହେନା, ଆଗକୁ ଆଗକୁ ଧାଇଁବା ହିଁ ତାର ଧର୍ମ । ସମୟ ତେଣୁ ଧାଇଁ ଚାଲୁଛି । ଆଗକୁ ବି ଏମିତି ଧାଉଁଥିବ । ସମୟ ସହ ତାଳଦେଇ ମଣିଷ ମଧ୍ୟ ଧାଉଁଛି ଆଗକୁ ଆଗକୁ । ଆଉ, ଆମ ପ୍ରତ୍ୟେକଙ୍କ ଜୀବନ ତ ଗତିଶୀଳ ।

ଏହା ଭିତରେ ବେଶ କିଛିଦିନ ବିତିଗଲାଣି । ପାଣ୍ଡବମାନଙ୍କ ପ୍ରତି ଘଟି ଯାଇଥିବା ଅନ୍ୟାୟ ମୋ ମନରୁ ଏବେଯାଏ ଲିଭିନି । ବରଂ ତାକୁ ଭୁଲିବା ପାଇଁ ମୁଁ କିଛିଦିନ ମୋ ନିଜ ରାଜ୍ୟ ଅଂଗରାଜ୍ୟରେ ଅଟକି ଯାଇଛି । ଦୁର୍ଯ୍ୟୋଧନଙ୍କ ପାଖକୁ ଆଗଭଳି ଯିବାଆସିବା ମଧ୍ୟ ସେତେଟା କରି ପାରୁ ନଥିଲି ।

ଅଂଗରାଜ୍ୟର ବିକାଶଧାରା ଉନ୍ନତିରେ ମନପ୍ରାଣ ଢାଳି ଦେଇଥିଲି । ବଦଳାଇ ଦେଇଥିଲି ତାର ମାନଚିତ୍ର ଓ ପରିବେଶକୁ । ନିଜ ଗାଁ ଚମ୍ପାପୁର ଏବେ ଅଂଗରାଜ୍ୟର ରାଜଧାନୀ । ଅଂଗ ରାଜ୍ୟର ସାମାଜିକ, ଆର୍ଥନୀତିକ ପ୍ରଗତିକୁ ସଂପୂର୍ଣ୍ଣ ନୂତନ ଭାବେ ପରିବର୍ତ୍ତନ କରିଦେଇଛି । ମୋର ଏକାନ୍ତ ଅନ୍ତରଂଗ ମାଆ ଗଂଗା, ଯାହାଙ୍କ ନିକଟରେ ନିତ୍ୟସ୍ନାନ ପରେ ମୁଁ ପ୍ରତ୍ୟେହ ପୂଜାର୍ଚ୍ଚନା କରେ, ସେଇ ଗଂଗାକୂଳରେ ହିଁ ତୋଳାଇ ଦେଇଛି ସୂର୍ଯ୍ୟମନ୍ଦିରଟିଏ । ଯାହାର ନାମକରଣ କରିଛି ଆଦିତ୍ୟ ମନ୍ଦିର । ସେଇ ମନ୍ଦିରରେ ସୂର୍ଯ୍ୟ ଉପାସନା କରି ମୋ ଜୀବନ ମାର୍ଗକୁ ବଦଳାଇ ଦେଇଛି । ଅଂଗରାଜ୍ୟର ସାମ୍ରାଜ୍ୟକୁ ବିସ୍ତାର କରିପାରିଛି । ବଢ଼ାଇ ପାରିଛି ଶସ୍ୟ ଉତ୍ପାଦନ । ମୋର ରାଜ୍ୟରେ ଆଉକିଛି ଅଭାବ ନାହିଁ । ରାଜସ୍ୱ ବଢ଼ିଛି । ମୋର ଆବଶ୍ୟକତା ଠାରୁ ଅନେକ କିଛି ଅଧିକ ପାଇଛି । ଏ ସମସ୍ତ ପ୍ରାପ୍ତିକୁ ମହତ କାର୍ଯ୍ୟରେ ଲଗାଇ ଦେଇଛି ମଧ୍ୟ । ନିଜକୁ ସମର୍ପଣ କରିଦେଇଛି ତେଣୁ ଜନହିତକର ସେବାରେ । ରାଜା ହେବାର ଗୌରବ ସେଇମାନଙ୍କୁ ମିଳିଥାଏ, ଯେଉଁମାନେ ପ୍ରଜାଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥାନ୍ତି । ଆଦିତ୍ୟ ମନ୍ଦିରକୁ ଲାଗି ତିଆରି କରିଛି ଏକ ଦାନମଣ୍ଡପଟିଏ । ଯେଉଁଠାରେ ପ୍ରତ୍ୟହ ସ୍ନାନସାରି ମୁକ୍ତହସ୍ତରେ ମୁଁ ଦାନ କରିଥାଏ । ଏହି ଦାନ ମଧ୍ୟରେ ମୁଁ ପାଇଛି ମାନସିକ ଶାନ୍ତି । ବେଳେବେଳେ ମନକୁ ପ୍ରଶ୍ନ ଆସିଛି । ଏହି ଦାନମଣ୍ଡପରେ ଠିଆହୋଇ ଅଗଣିତ ଗ୍ରହୀତାଙ୍କୁ ଦାନ ଦେଇ ମୁଁ ପାଲଟି ଯାଇଛି ଦାତା । ହେଲେ ଯେଉଁ ଅଂଗରାଜ୍ୟ ପାଇଁ ମୋର ଏତେସବୁ କାର୍ଯ୍ୟଧାରା ସେଇ ଅଂଗରାଜ୍ୟ ମଧ୍ୟ ମୋତେ ମିଳିଛି ଅନ୍ୟ କାହାରି ଦାନରେ । ତେଣୁ ଏ ଦାନକୁ ନେଇ ମୁଁ ଆଦୌ ଗର୍ବିତ ନୁହେଁ, ବରଂ ମୋ ଭାବନାରେ ଉଙ୍କି ମାରୁଥିବା ଅନାବନା ଦୁଃଶ୍ଚିନ୍ତାର ମୁକ୍ତିପାଇଁ ମୋର ଏହି ଦାନମଣ୍ଡପର ପରିକଳ୍ପନା । ଏଠାରେ ଠିଆହୋଇ ମୁଁ ମୋର କଳା କୃତକର୍ମକୁ ଭୁଲିଯିବାକୁ ଚେଷ୍ଟା କରିଛି । ଦାନ ମାଧ୍ୟମରେ ପ୍ରାୟଶ୍ଚିତ କରିବାକୁ ଚାହୁଁଥିଲି । ମୋର ମନରେ ତେଣୁ ଦୃଢ଼ ସଂକଳ୍ପ ଥିଲା । ଯେତେଦିନ ରାଜଧାନୀରେ ରହିବି ଏମିତି ଦାନ କରୁଥିବି । ଏହି ମର୍ମରେ ଦାନକୁ ଜୀବନର ଧର୍ମ ଜ୍ଞାନ କରି ଆଜୀବନ ଦାନ କରିବାର ମହତ୍ ଆକାଂକ୍ଷାକୁ ଆପଣେଇ ନେଇଥିଲି ।

ଦୁର୍ଯ୍ୟୋଧନ ଖବର ପଠାଇ ମୋତେ ଡାକୁଥିଲେ । ମୁଁ କିନ୍ତୁ ବ୍ୟସ୍ତତା ମଧ୍ୟରେ ପାଇପାରୁ ନଥିଲି ହସ୍ତିନାପୁର । ନିଜ ରାଜ୍ୟରେ ଏକପ୍ରକାର ଭଲରେ ଥିଲି ମୁଁ । ନିଜ ରାଜକାର୍ଯ୍ୟ ଓ ଦାନଧର୍ମରେ ସମୟ ମୋର ଅତିବାହିତ ହୋଇଯାଉଥିଲା । ପ୍ରଜାମାନେ ଧୀରେଧୀରେ ମୋର ନିକଟତର ହେଉଥିଲେ । ଅନ୍ୟାନ୍ୟ ରାଜ୍ୟରୁ ପ୍ରଜାମାନେ ଆମ ରାଜ୍ୟକୁ ଆସି ସ୍ଥାୟୀବାସିନ୍ଦା ହୋଇ ରହିବାକୁ ଲାଗିଲେଣି । ଅଂଗରାଜ୍ୟର ଲୋକସଂଖ୍ୟା ଏବେ ଆଶାତୀତ ଭାବେ ବୃଦ୍ଧି ପାଇବାରେ ମଧ୍ୟ ଲାଗିଲାଣି ।

ଚର ଆସି ସମ୍ବାଦ ଦେଲା । ମିତ୍ର ଦୁର୍ଯ୍ୟୋଧନ ମୋତେ ଦେଖା କରିବାକୁ ଚାହାଁନ୍ତି । ତେଣୁ ମୋତେ ଖୁବ୍ ଶୀଘ୍ର ହସ୍ତିନାପୁର ଯିବାକୁ ପଡ଼ିବ । ଦୂତ ମୁହଁରୁ ଶୁଣିଲି, ମିତ୍ର ଦୁର୍ଯ୍ୟୋଧନ ଖୁବ୍ ନିକଟରେ ଲିଙ୍ଗ ରାଜକୁମାରୀଙ୍କୁ ବିବାହ କରିବେ । କଳିଙ୍ଗ ରାଜକୁମାରୀ ଭାନୁମତୀ ହେବେ ମିତ୍ର ଦୁର୍ଯ୍ୟୋଧନଙ୍କ ପତ୍ନୀ । ଏହା ତ କମ୍ ସୌଭାଗ୍ୟର କଥା ନୁହେଁ । ଭାନୁମତୀ ତେବେ ହସ୍ତିନାପୁରର କୁଳବଧୂ ହେବେ । ମହାରାଜ ନିଜ ପ୍ରିୟ ପୁତ୍ରର ବିବାହ ପାଇଁ ବ୍ୟସ୍ତ । ସମସ୍ତଙ୍କୁ ଖବର ପଠାଇ ହସ୍ତିନାପୁର ଡକାଇଛନ୍ତି । ରାଜକୋଷରୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରାହେଉଛି ଏଥିପାଇଁ ।

ଦୁର୍ଯ୍ୟୋଧନ ମୋର ପରମ ମିତ୍ର । ଏକାନ୍ତ ଅନ୍ତରଂଗ । ତାଙ୍କର ମୋ ଉପରେ ଅଖଣ୍ଡ ବିଶ୍ୱାସ ଆଉ ଭରସା । ସେଥିପାଇଁ ବୋଧହୁଏ ତାଙ୍କର ବିବାହରେ ବରଯାତ୍ରୀ ମାନଙ୍କ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଛନ୍ତି । ମୁଁ ମଧ୍ୟ ମିତ୍ରଙ୍କ ଶୁଭକାମନା କରି ପ୍ରତ୍ୟେକ କାର୍ଯ୍ୟରେ ତାଙ୍କୁ ସହଯୋଗ କରିବି ବୋଲି ମନସ୍ଥ କଲି ।

ଭଲରେ ଭଲରେ, ମହାଆଡ଼ମ୍ବର ସହ ବିବାହକାର୍ଯ୍ୟ ସମ୍ପନ୍ନ ହୋଇଗଲା । ବରକନ୍ୟା ଫେରିଆସିଲେ ହସ୍ତିନାପୁର । ମୋର କିନ୍ତୁ କଳିଙ୍ଗ ରାଜ୍ୟରୁ ଏତେ ଶୀଘ୍ର ଫେରିବାକୁ ଇଚ୍ଛା ହେଲାନି । କଳିଙ୍ଗ ମୋର ପୂର୍ବ ପରିଚିତ । ଏବେ ପୁଣି କଳିଙ୍ଗରାଜଙ୍କ ଜାମାତାଙ୍କ ପ୍ରିୟ ମିତ୍ର । ତେଣୁ କଳିଙ୍ଗରେ ମୋତେ ଯଥାଯଥ ଆଦର ଓ ଅଭ୍ୟର୍ଥନା ମିଳିବାରେ କିଛି ବି ଅସୁବିଧା ହେଲାନି । ଅଳ୍ପଦିନରେ କଳିଙ୍ଗ ରାଜକୁମାରଙ୍କ ସହ ମିଶିଗଲି । ତାଙ୍କ ସଂଗରେ କଳିଙ୍ଗ ବୁଲିବାର ସୌଭାଗ୍ୟ ମଧ୍ୟ ପାଇଲି । ଅନେକଦିନରୁ କଳିଙ୍ଗ ରାଜାଙ୍କ ପ୍ରତି ମୋ ମନରେ ଏକ ଅହେତୁକ ଆକର୍ଷଣ ଥିଲା । ସମୃଦ୍ଧିଶାଳୀ କଳିଙ୍ଗ ରାଜ୍ୟ ଏକ ବାଣିଜ୍ୟ ପେଣ୍ଠ । ଏଠାକାର ବଣିକମାନେ ଜଳପଥରେ ଦୂରଦୂରାନ୍ତ ବିଦେଶଯାତ୍ରା କରି ପ୍ରଚୁର ଧନରତ୍ନ ନିଜଦେଶକୁ ବୋହି ଆଣୁଥିଲେ । ଏଭଳି ଏକ ସମୃଦ୍ଧ ରାଜ୍ୟ ସହ ହସ୍ତିନାପୁର ଯୁବରାଜଙ୍କ ବୈବାହିକ ସମ୍ପର୍କ ଆଗାମୀ ଭବିଷ୍ୟତରେ କୁରୁବଂଶ ପାଇଁ ନିଶ୍ଚିତ ଭାବେ ଶୁଭଙ୍କର ଏହା ନିଃସନ୍ଦେହ । କଳିଙ୍ଗରାଜ ସବୁଦିନେ କୌରବମାନଙ୍କ ସପକ୍ଷରେ ରହିବେ । ଏହାଠାରୁ ବଳି ସୌଭାଗ୍ୟର କଥା ଆଉ କ'ଣ ଥାଇପାରେ । କଳିଙ୍ଗରେ ଅବସ୍ଥାନ କାଳରେ ମୁଁ ସେଠିକାର ଲୋକସମ୍ପର୍କ, ରାଜନୀତି, ବାଣିଜ୍ୟନୀତି ଇତ୍ୟାଦି ବିଷୟରେ ଅବଗତ ହେବାର ସୁଯୋଗ ପାଇଲି । ଖାଲି ସେତିକି ନୁହେଁ, ମହେନ୍ଦ୍ରଗିରି ଥିଲା ମୋ ପାଇଁ ଅନ୍ୟ ଏକ ଆକର୍ଷଣ । ଯାହା ସହ ଜଡ଼ିତ ହୋଇ ରହିଥିଲା ମୋର ଅତୀତ । ଅତୀତର ସେଇ ମହେନ୍ଦ୍ରଗିରି ଶିଖର ଏବେବି ମୋ ଛାତିତଳେ କମ୍ପନ ସୃଷ୍ଟିକରେ । ଜୀବନର ସଂକଳ୍ପ ପୂରଣ ନିମନ୍ତେ ଯେଉଁଠି ଦିନେ ପରଶୁରାମ ଭଳି ଗୁରୁଙ୍କର ପାଦସ୍ପର୍ଶ କରି ଧନୁର୍ବିଦ୍ୟାରେ ଧୂରୀଣ ହୋଇଥିଲି, ଆଉ ଶେଷରେ ଫେରି ଆସିଥିଲି ଅଭିଶାପର ବୋଝ ଧରି । ତାକୁ କ'ଣ ସହଜରେ ପାସୋରି ଯାଇ ହୁଏ । ଦୂରରୁ ଗୁରୁ ପରଶୁରାମଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣାମ ଜଣାଇଲି । ଆଖିରୁ ଝରିପଡ଼ିଲା ଦୁଇଟୋପା ଲୁହ । ହତଭାଗା କର୍ଣ୍ଣର ଭାଗ୍ୟ ତ ଚିରଦିନ ଏମିତି । ଜୀବନସାରା ଏମିତି ଅନେକ ଅଭିଶାପର ବୋଝ ମୁଣ୍ଡେଇ ମଧ୍ୟ ସେ ବଞ୍ଚିରହିଛି । କାରଣ କର୍ଣ୍ଣ ଭୀରୁ ନୁହେଁ, କାପୁରୁଷ ନୁହେଁ । ଉପରକୁ ହାତ ଉଠାଇ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲି, ହେ ସୂର୍ଯ୍ୟଦେବ, ମୋର ସମସ୍ତ କାର୍ଯ୍ୟକର୍ମର ତୁମେ ହିଁ ସାକ୍ଷୀ । ତୁମେ ହିଁ ଜାଣ କର୍ଣ୍ଣ କ'ଣ ? କାହିଁକି କର୍ଣ୍ଣର ଜୀବନ ଏଭଳି ଅଭିଶପ୍ତ ?

ଦୁର୍ଯ୍ୟୋଧନ ଖବର ପଠାଇଥିଲେ ହସ୍ତିନାପୁର ଫେରିଯିବା ପାଇଁ । ତେଣୁ ଖୁବ୍ ଶୀଘ୍ର କଳିଙ୍ଗ ରାଜକୁମାରଙ୍କ ଠାରୁ ବିଦାୟ ନେଇ ହସ୍ତିନାପୁର ଫେରିଆସିବାକୁ ବାଧ୍ୟ ହେଲି । ମୋତେ ଦେଖିବାକ୍ଷଣି ମିତ୍ର ଦୁର୍ଯ୍ୟୋଧନ କଳିଙ୍ଗର କୁଶଳବାର୍ତ୍ତା ପଚାରିଲେ । ଦୁର୍ଯ୍ୟୋଧନ ସବୁଦିନେ ଏମିତି । ତାଙ୍କପାଇଁ ମୋର ଅନୁପସ୍ଥିତି ଅସହ୍ୟ । ଅନ୍ୟମାନଙ୍କ ପାଇଁ ସେ ଯାହା ହୁଅନ୍ତା ନା କାହିଁକି ମୋ ପାଇଁ କିନ୍ତୁ ତାଙ୍କ ହୃଦୟ ଗହ୍ୱର ସବୁଦିନେ ଖୋଲା । ଅନ୍ୟମାନେ ତାଙ୍କୁ ଯେଉଁ ଦୃଷ୍ଟିରେ ଦେଖନ୍ତୁ ନା କାହିଁକି, ମୋ ଦୃଷ୍ଟିରେ ସେ ଅନନ୍ୟ, ଭିନ୍ନ । କାରଣ ମୁଁ ତାଙ୍କୁ ଅନୁଭବ କରିଛି ମୋ ନିଃଶ୍ୱାସ ପ୍ରଶ୍ୱାସରେ । ମୋ ହୃତ୍‌ସ୍ପନ୍ଦନ ମଧ୍ୟରେ । ଆମେ ଦୁହେଁ ପରସ୍ପର ଏକାତ୍ମ, ଅଭିନ୍ନ । ଆଉ ଏତିକି ମଧ୍ୟ ଜାଣେ, ତାଙ୍କର ସବୁଠାରୁ ବେଶି ଦୁର୍ବଳତା ହେଉଛନ୍ତି ଗାନ୍ଧାର ନରେଶ ଶକୁନି । ଯିଏକି ତାଙ୍କ ପଛେପଛେ ଛାଇପରି ଲାଗି ରହିଥାନ୍ତ । ଆଉ ଯେତେ ଛଳକପଟର ଜାଲ ବୁଣି ତାହା ମଧ୍ୟକୁ ଟାଣିନିଅନ୍ତି ବେଶ୍ ସହଜରେ । ତାଙ୍କର ପ୍ରରୋଚନାରେ ମିତ୍ର ମୋର ପାଣ୍ଡବ ବିରୋଧି । ଶକୁନିମାମୁଙ୍କ ସମସ୍ତ ଷଡ଼ଯନ୍ତ୍ରର ଦଲିଲରେ ନିଜର ସ୍ୱାକ୍ଷର ରଖି ମିତ୍ର ଯେ କେତେ କଳୁଷିତ ହୋଇ ଚାଲିଛନ୍ତି ସେ କଥା ମାନିବାକୁ ସେ ପ୍ରସ୍ତୁତ ନୁହଁନ୍ତି । ବହୁଥର ତାଙ୍କ ଚରିତ୍ରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛି । ଶକୁନିମାମୁଙ୍କ ଚକ୍ରାନ୍ତରୁ ଓହରି ଆସିବାଲାଗି ତାଙ୍କୁ ପ୍ରବର୍ତ୍ତାଇଛି । ହେଲେ ପାରିନି । ଏସବୁ ଚିନ୍ତାକଲେ ମୋ ମନରେ ଗାନ୍ଧାର ନରେଶଙ୍କ ପ୍ରତି ଘୃଣା ଆସେ । ତାଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ସେ ନେଇ ମୋ ମନରେ ନାନା ପ୍ରଶ୍ନବାଚୀ ଉଙ୍କିମାରେ । ଭାବେ ପାଣ୍ଡବମାନେ ଯେଉଁଠି କୌରବ ବିରୋଧୀ ନୁହଁନ୍ତି ସେଠାରେ କୁରୁକୁମାର ଦୁର୍ଯ୍ୟୋଧନ ମନରେ କାହିଁକି ଏଭଳି ବିରୋଧାଭାସ ? ଆଉ ଗାନ୍ଧାର ନରେଶ କାହିଁକି ଏଭଳି ବିଷମଞ୍ଜି ପୋତି ଭାଇଭାଇ ମଧ୍ୟରେ ଏକ ବିଭେଦମାନ ପାଚେରି ସୃଷ୍ଟି କରୁଛନ୍ତି । ପରମୁହୂର୍ତ୍ତରେ ମୋ ଚିନ୍ତାଧାରା ମଧ୍ୟ ଏପଟ ସେପଟ ହୋଇଯାଏ । ମୁଁ ନିଜେ ପାଣ୍ଡବ ବିରୋଧୀ ନହେଲେ ମଧ୍ୟ ଅର୍ଜୁନ ବିରୋଧୀ । କିନ୍ତୁ ଶକୁନିମାମୁଙ୍କ ସମସ୍ତ କଥାକୁ ସମର୍ଥନ କରିପାରେନି । ମିତ୍ର ଦୁର୍ଯ୍ୟୋଧନଙ୍କ ପାଇଁ କ୍ଷୋଭ ଆସେ ମନରେ । ଭାବେ ମିତ୍ର ଯଦି ମୋତେ ଏତେ ଭଲପାଆନ୍ତି, ତେବେ ପ୍ରତିଟି କଥାରେ ମୋ ପରାମର୍ଶ ଲୋଡୁନାହାଁନ୍ତି କାହିଁକି ? କିନ୍ତୁ କପଟୀ ଗାନ୍ଧାରନରେଶଙ୍କ ହାତରେ ମିତ୍ର ଯେ ଏକ ଚାବିଦିଆ କଣ୍ଢେଇ । ସେ ତାଙ୍କୁ ଯେମିତି ନଚାଇବେ ସେ ସେମିତି ନାଚୁଥିବେ । ସେଥିରୁ ତାଙ୍କୁ କ୍ଷାନ୍ତ କରିବାର ଶକ୍ତି ବା କାହାର ଅଛି । ମୋତେ ତ ଲାଗେ, ତାଙ୍କର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଶକୁନିମାମୁ ହିଁ ତାଙ୍କର ମୁଖ୍ୟ ପରାମର୍ଶଦାତା ହୋଇ ରହିଥିବେ ।

ସେଦିନ ଶୁଣିଲି, ମିତ୍ର ଦୁର୍ଯ୍ୟୋଧନଙ୍କୁ ସେ କୃଷ୍ଣ ବିରୋଧରେ କିଛି କହୁଥାନ୍ତି । ଅର୍ଜୁନ ସଖା କୃଷ୍ଣ ପାଣ୍ଡବମାନଙ୍କର ଶୁଭାକାଂକ୍ଷୀ ହେବା ସ୍ୱାଭାବିକ । ତାଛଡ଼ା କୃଷ୍ଣ ଯେ ଅଲୌକିକ ଶକ୍ତିର ଆଧାର, ଅବତାରୀ ପୁରୁଷ ଏକଥା ତ ସମସ୍ତେ ସ୍ୱୀକାର କରନ୍ତି । ମହର୍ଷି ବ୍ୟାସଦେବ ଆଉ ପିତାମହ ଭୀଷ୍ମ ତାଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ମାନ୍ୟତା ଦିଅନ୍ତି । ତାଙ୍କ ସହ ଶତ୍ରୁତା କରି କେହି କେବେ ତିଷ୍ଠିପାରି ନାହାଁନ୍ତି । ପ୍ରବଳ ପ୍ରତାପୀ କଂସଙ୍କର ମଧ୍ୟ ବିନାଶ ହୋଇଛି ତାଙ୍କ ସହ ଶତ୍ରୁତା କରି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨



ଆଜିର କବିତା

ଏମିତି ସଖାଟିଏ ମୋର ନଥାନ୍ତା

ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ

ଏମିତି ସଖାଟିଏ ମୋର ନ ଥାନ୍ତା ?
ଯିଏ ବିପଦେ ଆପଦେ ସଦା
ସାହା ହେଉଥାନ୍ତା ଡାକି ଦେଲେ ଓ କରୁଥାନ୍ତା
ସମୟର ସାହୁକାର, ନିନ୍ଦା ଅପବା ଦେଲେ
କାନ୍ଧରେ ମୋ ହାତ ରଖି
ବଂଚିବାର ସାହସ ଦିଅନ୍ତା, କୃଷ୍ଣସମ ଭରସି ହୁଅନ୍ତା
ପ୍ରତି ମୁହୂର୍ତ୍ତରେ ମତେ ମୁଗ୍ଧ କରୁଥାନ୍ତ ।
ଏମିତି ସଖାଟିଏ ମୋର ନ ଥାନ୍ତା ?
ଯିଏ ପ୍ରେମ ଆଉ ପ୍ରଣୟରେ
ଚିରକାଳ ସଜାଉ ଥାଆନ୍ତା
ଯେତେ ସବୁ ଅପାରଗ ପଣକୁ ମୋ
ହସି ହସି ପରସ୍ତ ପରସ୍ତ କରି
ନିଜ ହାତେ ଗୁଡ଼ାଇ ଧରନ୍ତା
ପ୍ରତିଶ୍ରୁତି ପ୍ରତିବଦ୍ଧତାରେ
ମୋତେ କୋଳେଇ ନିଅନ୍ତା
ସାଫଲ୍ୟର ସାକାର ଚିତ୍ରଟିଏ
ତୋଳି ଧରିଥାନ୍ତା
ପ୍ରତି ମୁହୂର୍ତ୍ତରେ ମୋତେ ମୁଗ୍ଧ କରୁଥାନ୍ତା ।
ଏମିତି ସଖାଟିଏ ମୋର ନ ଥାନ୍ତା ?
ଦୁଃଖର ଦୁର୍ଯ୍ୟୋଧନ ମାନେ
ବିବସ୍ତ୍ର କରୁଥିଲା ବେଳେ
ସୁଖର ଅକ୍ଷୟ ବସ୍ତ୍ର
ଯିଏ ମୋତେ ହାତ ଟେକି
ବଢ଼େଇ ଦିଅନ୍ତା
ତା ଉଦାର ହୃଦରେ ମୋତେ
ମନ ଭରି ଭଲ ପାଉଥାନ୍ତା
ପ୍ରତି ମୁହୂର୍ତ୍ତରେ ମୋତେ ମୁଗ୍ଧ କରୁଥାନ୍ତା ।
ଏମିତି ସଖାଟିଏ ମୋର ନ ଥାନ୍ତା ?
ମରଣ ଶେଯରେ ଯିଏ,
ହାତପରେ ହାତ ରଖି
ହାସ୍ୟ ବ୍ୟଙ୍ଗ ଛଳେ ମୋତେ
ହସାଇ ପାରନ୍ତା
ଅକୁହା ଦୁଃଖ ଯାତନା ସବୁକୁ ମୋ
ଓଟ ସମ ବୋଝେଇ ନିଅନ୍ତା
ପ୍ରାଣ ଛାଡ଼ି ଚାଲିଗଲେ
ଶବକୁ କାନ୍ଧେଇ ମୋର
ରାମ ନାମ ସତ୍ୟହେ
ହରିନାମ ସତ୍ୟ ହେ
ଗାଇ ଗାଇ ଖଇ ଆଉ କଉଡ଼ି ବଣ୍ଟନ୍ତା
ଶ୍ମଶାନ ଜୁଇରେ ମତେ
ସଯତନେ ଶୋଇ ଦେଇ
ଦୁଇଧାର ଅଶ୍ରୁ ଢ଼ାଳି
ଓମ ଶାନ୍ତି କହି ମୋତେ ବିଦାୟ ଦିଅନ୍ତା
ମୁହୂର୍ତ୍ତ ମୁହୂର୍ତ୍ତ ମତେ ଏଇମିତି
ମୁଗଧ କରୁଥାନ୍ତା ।

+ ବାଲେଶ୍ୱର
ମୋ : ୮୭୬୩୧୪୧୦୨୨

ଏମିତି ତ ହୁଏ ନାହିଁ...

ରଶ୍ମୀବାଳା ଶତପଥୀ

ଛପି ରହିଥିବା ସ୍ୱପ୍ନ ସବୁ ମୋର ଉଡ଼ିଯିବ
ତୁମ ହୃଦୟକୁ ସ୍ପର୍ଶ କରି
ଆଉ ତମେ ସାଜିଯିବ ନିର୍ବିକାର
ଆଞ

ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ସପ୍ତମ ବୈଠକ

ଅଙ୍ଗନବାଡି ଗୃହ ନିର୍ମାଣ, ଜଳସଂକ୍ଷଣ ଓ ଜଳ ପରିଚାଳନା, ଜଳସେଚନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦର ସପ୍ତମ ବୈଠକ ମଙ୍ଗଳବାର ଲୋକ ସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ପଂଚାୟତି ରାଜ ଓ ପାନୀୟ ଜଳ, ଆଇନ ,ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ଜେନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଫୋକସ୍ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀତା କ୍ଷେତ୍ରରେ ସ୍ୱଚ୍ଛତା ଓ ଉତର ଦାୟିତ୍ୱ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବୈଠକ ବିବରଣୀରୁ ପ୍ରକାଶ ଯେ ୨୦୨୧-୨୨ ଆର୍ଥିକ ବର୍ଷର ସଫଳତା ଗତ ୨୦୨୦-୨୧ ବର୍ଷ ତୁଳନାରେ ଯଥେଷ୍ଟ ଉର୍ଦ୍ଧ୍ୱରେ ଅଛି । ତାହାଛଡା ଚଳିତ ବର୍ଷ ରାଜ୍ୟର ସଫଳତା ପ୍ରକାଶ ଦେଶର ୧୦ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ମାନଙ୍କ ମଧ୍ୟରେ ସ୍ଥାନ ବଜାୟ ରଖିଅଛି । ୧୪.୬ କୋଟି ଶ୍ରମ ଦିବସ ସୃଷ୍ଟି ସହିତ ସପ୍ତମ ସ୍ଥାନ,୧୦୦ ଦିନରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ପରିବାରରେ ଦ୍ୱିତୀୟ ସ୍ଥାନ, ପ୍ରତି ପରିବାର ପିଛା ହାରାହାରି କାର୍ଯ୍ୟ ଦିବସରେ ଦ୍ୱିତୀୟ ସ୍ଥାନ, ଉଚିତ ସମୟରେ ଶ୍ରମିକ ମାନଙ୍କୁ ଦେୟ ପ୍ରଦାନରେ ଅଷ୍ଟମ ସ୍ଥାନ, ଜିଓ-ମନରେଗା ରେ ସପ୍ତମ ସ୍ଥାନ ଓ ଗ୍ରାମ ପଂଚାୟତ ଜିଆଇଏସ ପ୍ଲାନ ରେ ଶୀର୍ଷ ସ୍ଥାନ ବଜାୟ ରଖିଛି । ରାଜ୍ୟର ୨୦ ଦାଦନ ପ୍ରବଣ ବ୍ଲକ ଗୁଡିକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜବକାର୍ଡଧାରୀ ମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଜ୍ଞାପିତ ମଜୁରି ଦର ଉପରେ ଅତିରିକ୍ତ ମଜୁରି ପ୍ରଦାନ କରି ଏହାକୁ ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଧିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ ରେ ଧାର୍ଯ୍ୟ ହୋଇଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟତିରେକ ଅତିରିକ୍ତ ୨୦୦ ଦିନର କର୍ମ ନିଯୁକ୍ତି ପ୍ରଦାନ କରାଯାଉଛି । ଉକ୍ତ ୨୦୦ ଦିନ ନିମନ୍ତେ ଜବକାର୍ଡଧାରୀ ମାନଙ୍କୁ ତାଙ୍କର ଦୈନିକ ମଜୁରି ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଧିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି । ସେହିପରିଫୋକସ କ୍ରିୟାକଳାପ ମଧ୍ୟରେ ଲାଇନ ବିଭାଗ ଗୁଡିକ ସହ ପ୍ରଭାବୀ ଏକାଭିମୁଖିକରଣ ମାଧ୍ୟମରେ ଚଳିତ ବର୍ଷ ୩୬୫୬ କୋଟି ଟଙ୍କାର କାର୍ଯ୍ୟ ଯୋଜନା ଅନୁମୋଦନ କରାଯାଇଅଛି । ଉକ୍ତ ପଦକ୍ଷେପ ଯୋଗୁଁ ୭୪୭.୮୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୮୯ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଉଦ୍ୟାନ କୃଷି ୨୧୧୧୫ ହେକ୍ଟର,ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ୨୫୧୫୫ ହେକ୍ଟର ବନୀକରଣ ଓ ୬୦୬୬୩ ଫାର୍ମ ପୋଖରୀ କରାଯିବା ନିମନ୍ତେ ପଦକ୍ଷେପ ହାତକୁ ନିଆଯାଇ ଗରିବ ପରିବାରଙ୍କର ଜୀବିକା ସୁରକ୍ଷାକୁ ସୁଦୃଢ କରାଯାଇଅଛି । ରାଜ୍ୟରେ ପକାଘର ନଥିବା ଅଙ୍ଗନବାଡି କେନ୍ଦ୍ରଗୁଡିକ ପାଇଁ ପକାଘର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଗ୍ରହଣ କରାଯିବ । ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ନିମନ୍ତେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ସ୍ୱଚ୍ଛତା ଓ ଉତରଦାୟିତ୍ୱ ବଜାୟ ରଖିବା ପାଇଁ ଏରିଆ ଅଫିସର ଆପ୍, ନ୍ୟାସନାଲ୍ ମୋବାଇଲ୍ ମନିଟରିଂ ସିଷ୍ଟମ୍, ଜିଆଇଏସ ଆଧାରିତ ଯୋଜନା, ସମ୍ପତିର ଜିଓ ଟ୍ୟାଗିଂ, ଆଧାର ସିଡିଙ୍ଗ, ଆଧାର ଆଧାରିତ ପେମେଂଟ ବ୍ୟବସ୍ଥା (ଏବିପିଏସ୍)ର ଉପଯୋଗ ସହ ସାମାଜିକ ସମୀକ୍ଷା ଏବଂ ଅମ୍ବୁଡ୍ସମାନ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି । ଉକ୍ତ ବୈଠକରେ ଉନ୍ନୟନ କମିଶନର ପ୍ରଦିପ୍ ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ,ଶାସନ ସଚିବ ,ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସଦସ୍ୟ ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ , ପଂଚାୟତସିତି ଚେୟାରମ୍ୟାନ, ସରପଂଚ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବିଭିନ୍ନ ସଫଳତାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ ।

ପ୍ରୋଜେକ୍ଟ ସାଥ୍-ଇ ଉପରେ ୱେବିନାର: ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭/୧୧ (ନି.ପ୍ର): 'ନୀତି' ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ଦ୍ୱାରା ଏକ ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଛି । ବିସିଜି ଓ ପିରାମଲ୍ ଫାଉଣ୍ଡେସନ ସହଯୋଗରେ ଅନୁଷ୍ଠିତ ଏହି ୱେବିନାରରେ 'ସାଥ୍' ପରିଚାଳିତ ତିନୋଟି ରାଜ୍ୟ ଯଥା ଓଡ଼ିଶା, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡର ଶିକ୍ଷା ମନ୍ତ୍ରୀ, ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ଦେଶର ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ସାମିଲ ହୋଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଗୁଣାତ୍ମକ ଶିକ୍ଷା ଅଧିକାର ଉପରେ ଆମେ ଦୃଢ଼ତାର ସହିତ ବିଶ୍ୱାସ ରଖିଛୁ । ରାଜ୍ୟର ବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱ ଦିଆଯାଉଛି । 'ସାଥ୍'ର ପ୍ରଥମ ପର୍ଯ୍ୟାୟରେ ନିୟମିତ ରୂପାନ୍ତରୀଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଶିକ୍ଷା ମୂଳଦୁଆକୁ ସୁଦୃଢ଼ କରାଯାଇ ପାରିଛି । ଏହି ଅବସରରେ 'ସିଷ୍ଟେମିକ୍ ଟ୍ରାନ୍ସଫରମେସନ୍ ଅଫ୍ ସ୍କୁଲ ଏଜୁକେସନ୍-ଦି ସାଥ-ଇ ଏକ୍ସପେରିଏନ୍ସ' ରିପୋର୍ଟ ଉନ୍ମୋଚନ ହୋଇଥିଲା । ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ ସାଥ୍-ଇ ପ୍ରୋଜେକ୍ଟ ସହଯୋଗରେ ପିଜିଆଇ ଇଣ୍ଟେକ୍ସରେ ଓଡ଼ିଶାର ର୍ୟାଙ୍କ ବୃଦ୍ଧି ପାଇଛି । କର୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପରିଚାଳନା ବ୍ୟବସ୍ଥା ବେଶ୍ ଉଚ୍ଚକୋଟିର । କୋଭିଡ୍ ମହାମାରୀ ଦୃଷ୍ଟିରୁ ରାଜ୍ୟ ସରକାର 'ସାଥ୍' ପ୍ରକଳ୍ପ ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବନ୍ଧୀୟ ପାଠ୍ୟକ୍ରମକୁ ଉନ୍ନତି କରିବା, ବିଭିନ୍ନ ଅନୁଷ୍ଠାନର ମିଳିତ ସହଯୋଗରେ ଏଫ୍‌ଏଲ୍‌ଏନ୍, ଏଲ୍?ଇପି ଓ ବୋର୍ଡ ଅଫ ଏକ୍ସିଲେନ୍ସି କାର୍ଯ୍ୟକ୍ରମ ଆଗକୁ ନିଆଯିବ । ନିରନ୍ତର ତଦାରଖ, ଉନ୍ନତ ଶାସନତନ୍ତ୍ର ପ୍ରଣୟନ ହୋଇଛି, ଯାହାଦ୍ୱାରା ଯୋଜନାଗୁଡ଼ିକର ସଠିକ୍ ତଦାରଖ କରିବା ସହ ଉଚିତ୍ ପ୍ରୋତ୍ସାହନ ପ୍ରଦାନ କରାଯାଇ ପାରିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓସେପା ଅତିରିକ୍ତ ନିର୍ଦ୍ଦେଶକ ରଜନୀ ଜାନୀ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ସହ ନିର୍ଦ୍ଦେଶକ ଦୀପକ ରାୟଙ୍କ ସମେତ ବିସିଜି ଓ ପିରାମଲ ଫାଉଣ୍ଡେସନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଟିକାକରଣରେ ଜାତୀୟ ହାରକୁ ଟପିଲା ଓଡ଼ିଶା

ଭୁବନେଶ୍ୱର,୧୭/୧୧ (ନି.ପ୍ର): ଟିକାକରଣରେ ଜାତୀୟ ହାରଠାରୁ ଟପିଛି ଓଡ଼ିଶା । ଚଳିତମାସ ୧୩ତାରିଖ ସୁଦ୍ଧା ଜାତୀୟସ୍ତରରେ ୧୮ବର୍ଷରୁ ଅଧିକ ଲୋକଙ୍କ ପ୍ରଥମ ଡୋଜ୍ ଟିକାକରଣ ୭୯.୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୮୨.୪ ପ୍ରତିଶତରେ ପହଞ୍ଚିଛି । ସେହିପରି ଦ୍ୱିତୀୟ ଡୋଜ୍ ଟିକାକରଣ ଜାତୀୟସ୍ତରରେ ୩୮.୪ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୪୧.୫ ପ୍ରତିଶତରେ ପହଞ୍ଚିଛି । ଚଳିତମାସ ଶେଷ ସୁଦ୍ଧା ରାଜ୍ୟରେ ପ୍ରଥମ ଡୋଜ୍ ଟିକାକରଣ ୯୦ ପ୍ରତିଶତ ଓ ଡିସେମ୍ବର ସୁଦ୍ଧା ଶତ ପ୍ରତିଶତ ପ୍ରଥମ ଡୋଜ୍ ଟିକାକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡରେ ରାଜ୍ୟରେ ଟିକାକରଣ ସମ୍ବନ୍ଧିତ ବୈଷୟିକ ଓ ପ୍ରଶାସନିକ ବିଷୟ ଆଲୋଚନା ହୋଇଥିଲା । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାୱାରୀ ପଞ୍ଚାୟତ ଓ ଗ୍ରାମସ୍ତରୀୟ ତୃଣମୂଳ କାର୍ଯ୍ୟଯୋଜନା ଜରିଆରେ ଟିକାକରଣକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ତୃଣମୂଳସ୍ତରରେ ଯୋଜନା ଓ ଘରକୁ ଘର ସର୍ଭେ ମାଧ୍ୟମରେ ବାକି ରହିଥିବା ୧୮ ପ୍ରତିଶତରୁ ଅଧିକ ଲୋକଙ୍କୁ ଚିହ୍ନଟ ସହିତ ଟିକା ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଟିକାର ମହଜୁଦ, ସ୍ଥାନାନ୍ତରୀକରଣ ଓ ଟିକାଦାନ ପାଇଁ ରାଜ୍ୟ ଦ୍ୱାରା ପ୍ରସ୍ତୁତ ନିର୍ଧାରିତ କାର୍ଯ୍ୟଧାରା (ଏସ୍ଓପି)ର ଅନୁପାଳନ ଫଳରେ ଓଡ଼ିଶାରେ ଟିକାର ଅପଚୟକୁ ରୋକାଯାଇ ପାରିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ଅପଚୟ ବିଯୁକ୍ତ ୫.୩ ପ୍ରତିଶତ ରହିଛି । ଯାହାଫଳରେ ପ୍ରାୟ ୨୦ଲକ୍ଷ ଡୋଜ୍ ଅତିରିକ୍ତ ଟିକା ଲୋକଙ୍କୁ ଦିଆଯାଇ ପାରିଛି । ରାଜ୍ୟରେ ଏବେ ଟିକା ଓ ସିରିଞ୍ଜ ଯୋଗାଣରେ ଅଭାବ ନାହିଁ । ଜିଲ୍ଲାମାନଙ୍କ ଚାହିଦା ଅନୁସାରେ ସେସବକୁ ଯୋଗାଇ ଦିଆଯାଇଛି । ଲୋକମାନଙ୍କ ଟିକାକରଣ ସମୟରେ ସମାନ ବ୍ରାଣ୍ଡର ଟିକା ଦେବା ସମୟରେ ପୂର୍ଣ୍ଣ ସତର୍କ ରହିବା ଲାଗି କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆରକେ ଶର୍ମା, ଜାତୀୟ ସ୍ୱାସ୍ଥ୍ୟ ମିସନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସବୁ ଜିଲ୍ଲାର ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ଆଜି ରାଜ୍ୟରେ ୨ଲକ୍ଷ ୩୧ହଜାର ୮୬୧ ହିତାଧିକାରୀଙ୍କୁ ଟିକା ଦିଆଯାଇଛି । ଏଥିରେ ୧୮-୪୪ବର୍ଗରେ ୫୧,୭୧୫ ପ୍ରଥମ, ୧୦,୧୧,୬୮ ଦ୍ୱିତୀୟ, ୪୫ବର୍ଷରୁ ଅଧିକ ୨୬,୫୯୦ ପ୍ରଥମ ଓ ୫୧,୧୯୫ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ରାଜ୍ୟରେ ବର୍ତମାନ ସୁଦ୍ଧା ୪କୋଟି ୭୯ଲକ୍ଷ ୯୬୦ ଡୋଜ୍ ଟିକା ଦିଆଗଲାଣି । ରାଜ୍ୟରେ ଏବେ ୫୭ଲକ୍ଷରୁ ଅଧିକ ଡୋଜ୍ ଟିକା ମହଜୁଦ ରହିଛି ।

୨୦୧୭ ଜିଲ୍ଲାପରିଷଦ ନିର୍ବାଚନ ତୁଳନାରେ ୧୨୫ଟି ସିଟ୍ ହରାଇଲେ ପଛୁଆବର୍ଗ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଆଗାମୀ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ଆଜି ପ୍ରକାଶ କରାଯାଇଛି । ୨୦୧୭ ତ୍ରିସ୍ତରୀୟ ନିର୍ବାଚନ ତୁଳନାରେ ରାଜ୍ୟର ପଛୁଆବର୍ଗ ୨୦୨୨ ପଂଚାୟତ ନିର୍ବାଚନରେ ୱାର୍ଡମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସବୁ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛନ୍ତି । ୯୨ ହଜାର ୱାର୍ଡ ମେମ୍ବର ନିର୍ବାଚନରେ ଓବିସି ମାନେ ୨୬ହଜାର ସ୍ଥାନ ପାଇବା ବଦଳରେ ଏଥରକ ମାତ୍ର ୧୩ ହଜାର ପର୍ଯ୍ୟନ୍ତ ସ୍ଥାନ ପାଇଛନ୍ତି । ଫଳରେ ସେମାନେ ପାଖାପାଖି ୧୩ହଜାର ସ୍ଥାନ ହରାଇଛନ୍ତି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଅଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ବିଜେଡ଼ି ସରକାର ଗତ ଅଗଷ୍ଟ ମାସ ପାର୍ଲାମେଂଟ ଅଧିବେଶନ ସମୟରେ ପଛୁଆବର୍ଗଙ୍କୁ ୨୭ଭାଗ ସ୍ଥାନ ସଂରକ୍ଷଣ ଦେବା ଓ ଜାତିଗତ ଜନଗଣନା କରିବା ଦାବିରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ଏହାର ସାଂସଦମାନେ ଯେଉଁ ଦାବି କରିଥିଲେ ସେ ଦାବି ପ୍ରତି କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି । ରାଜ୍ୟ ସରକାର ମଧ୍ୟ କିମ୍ବା ବିଜେଡି ଦଳ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପତ୍ର ଦେବାପରେ ପଛୁଆବଗ ସଂରକ୍ଷଣ ନେଇ ଆଉ ଥରେ ମାତ୍ର ଦାବି ଦୋହରାଇ ନାହିଁ । ଯାହା ଫଳରେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ରାଜ୍ୟର ୫୨ ଭାଗ ପଛୁଆବର୍ଗ ଯେଉଁମାନେ କି ୧୯୯୭, ୨୦୦୨, ୨୦୦୭, ୨୦୧୨ ଓ ୨୦୧୭ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଆସୁଥିଲେ, ସେମାନେ ଆଗାମୀ ୨୦୨୨ ନିର୍ବାଚନରେ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି । ୨୭ ଭାଗ ସଂରକ୍ଷଣ ଯାଗାରେ ସେମାନେ କେଉଁଠି ୭ ତ କେଉଁଠି ୧୭ ଭାଗ ସଂରକ୍ଷଣ ପାଇବେ । ଉଦାହରଣ ସ୍ୱରୂପ ୮୫୩ଟି ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହେବାକୁ ଯାଉଥିବା ବେଳେ ୨୭ ଭାଗ ସଂରକ୍ଷଣ ଯଦି ପଛୁଆବର୍ଗକୁ ଦିଆଯାଇଥାଆନ୍ତା, ତାହେଲେ ସେମାନେ ୨୨୯ଟି ଆସନରେ ଲଢି ପାରିଥାନ୍ତେ । କିନ୍ତୁ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପଛୁଆବର୍ଗର ପୁରୁଷମାନଙ୍କ ପାଇଁ ୪୯ଟି ଓ ପଛୁଆବର୍ଗ ମହିଳାଙ୍କ ପାଇଁ ୫୫ଟି ଏହିଭଳି ମୋଟ୍ ଉପରେ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ମାତ୍ର ୧୦୪ଟି ଆସନ ସଂରକ୍ଷିତ କରାଯାଇଅଛି । ଫଳରେ ରାଜ୍ୟର ୫୨ଭାଗ ପଛୁଆବର୍ଗ ତାଙ୍କର ସାନ୍ନିଧାନିକ ହକ୍ ଓ ଅଧିକାରରୁ ବଂଚିତ ହେବାକୁ ଯାଉଛନ୍ତି । ୨୨୯ଟି ଜିଲ୍ଲା ପରିଷଦ ଯାଗାରେ ପଛୁଆବର୍ଗର ପ୍ରାର୍ଥୀମାନେ ମାତ୍ର ୧୦୪ଟି ଆସନରେ ଲଢିବାକୁ ସକ୍ଷମ ହେବେ । ଏହା ନିଶ୍ଚିତ ଭାବରେ ପଛୁଆବର୍ଗ ସ୍ୱାର୍ଥର ପରିପନ୍ଥୀ । ତେଣୁ ନିଜର ହକ୍ ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ କରିବାର ସ୍ୱପ୍ନ ଦେଖୁଥିବା ଏବଂ ସଂଗ୍ରାମ ପାଇଁ ପ୍ରତିଶ୍ରୁତିବଦ୍ଧ ପ୍ରତ୍ୟେକ ଭାଇ ଭଉଣୀ ଏକାଠି ହୋଇ ନିଜର ସାନ୍ନିଧାନିକ ଅଧିକାର ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି । ଆଗାମୀ ସଂସଦ ଅଧିବେଶନ ସମୟରେ ରାଜ୍ୟର ସାଂସଦମାନେ ପଛୁଆବର୍ଗ ସଂରକ୍ଷଣ ଆଇନ୍‌କୁ ସମ୍ବିଧାନର ନବମ ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜୋର୍‌ଦାର କରିବାକୁ ଆବଶ୍ୟକ ପଡ଼ିଲେ ସେଥିପାଇଁ ସମସ୍ତଙ୍କୁ ନେଇ ସଡ଼କରେ ସଂଗ୍ରାମ କରିବାକୁ ସେ ରାଜ୍ୟର ସାଂସଦମାନଙ୍କୁ ଶ୍ରୀ ବେହେରା ନିବେଦନ କରିଛନ୍ତି ।

ଗୌହାଟୀ ଏମ୍ସର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପରୀକ୍ଷା: ମାର୍ଗଦର୍ଶନ ଦେବେ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା

ଭୁବନେଶ୍ୱର,୧୭/୧୧ (ନି.ପ୍ର): କ୍ଷେତ୍ରରେ ଉନ୍ନତ ଗବେଷଣା ପାଇଁ ଭୁବନେଶ୍ୱର ଏମ୍ସ ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଭଲ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମଗ୍ର ପୂର୍ବ ଭାରତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଉକ୍ତ ସଂସ୍ଥାର ନିର୍ଦ୍ଦେଶିକା ଡ. ବି.ଗୀତାଞ୍ଜଳିଙ୍କ ମାର୍ଗଦର୍ଶନରେ ଗୌହାଟୀ ଏମ୍ସର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ । ଏହା ଜଣାପଡିବା ପରେ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ନିଜ ପଡିଆରା ବୃଦ୍ଧି କରି ଚାଲିଥିବା ଉକ୍ତ ଅନୁଷ୍ଠାନ ସଫଳତାର ଆଉ ପାଦେ ଆଗକୁ ବଢ଼ିଛି । ଚଳିତ ମାସ ୧୮ରୁ ଏହି ପରୀକ୍ଷା ହେବ ବୋଲି ସୂଚନା ମିଳିଛି । କରୋନା କଟକଣା ମଧ୍ୟରେ ଗତ ଜାନୁଆରି ୧୨ରେ ଏଠାରେ ପାଠପଢ଼ା ଆରମ୍ଭ ହୋଇଥିଲା । ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା ଡ. ବି.ଗୀତାଞ୍ଜଳି ଗୌହାଟୀ ଏମ୍ସକୁ ମାର୍ଗଦର୍ଶନ କରୁଥିଲେ । ସଫଳତାର ସହିତ ଗୋଟିଏ ଶିକ୍ଷାବର୍ଷ ସମାପ୍ତ କରିବା ପରେ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପରିଚାଳନା କରିବ ଗୌହାଟୀ ଏମ୍ସ । ଭୁବନେଶ୍ୱର ଏମ୍ସ ମାର୍ଗଦର୍ଶନରେ କଲ୍ୟାଣୀ ଏମ୍ସ (ପଶ୍ଚିମବଙ୍ଗ) ଏବଂ ଗୌହାଟୀ ଏମ

ମମିତା ମେହେର ପ୍ରସଙ୍ଗ : ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ନିନ୍ଦ ହଜାଇ ଦିଆଯିବ : କଂଗ୍ରେସ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ଗତକାଲି ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସଫେଇକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ପଦ୍ମାକର ଗୁରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଚେହେରା, ଚିତ୍ର, ଚରିତ୍ର ଓ ଚାଲର ପର୍ଦ୍ଦାଫାସ କରିଛନ୍ତି। ୪ ମମିତା ମେହେର ପରିବାରବର୍ଗ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ତ ହୋଇ ନିରପେକ୍ଷ ତଦନ୍ତ ଓ ତ୍ୱରିତ ନ୍ୟାୟ ନିମନ୍ତେ ପ୍ରାର୍ଥନା କରିବା ପରେ ପରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସଫେଇ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଆଜିର କଂଗ୍ରେସର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୁରୁ ଦର୍ଶାଇଛନ୍ତି। ଅପରାଧି ଅପରାଧ କରିନାହିଁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ଶ୍ରୀଯୁକ୍ତ ଗରୁ କହିଛନ୍ତି। ଦୀର୍ଘ ୩୯ ଦିନ ବ୍ୟବଧାନରେ ସାକ୍ଷୀ ପ୍ରମାଣକୁ ନଷ୍ଟ କରାଯିବା, ଗୃହବିଭାଗର ଅଧସ୍ତନ କର୍ମଚାରୀଙ୍କ ପାରିବା ପଣିଆପ୍ରତି ରାଜ୍ୟବାସୀ କଠୋର ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। "ଠାକୁର ଘରେ କିଏ - ନାଁ ମୁଁ କଦଳୀ ଖାଇ ନାହିଁ" ପରି ମନ୍ତ୍ରୀଙ୍କର ଅସଲ ମୁଖାର ପର୍ଦ୍ଦାଫାସ ଆଜି ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଯେଉଁ ସମୟରେ ମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ମୁହଁ ଖୋଲିବା କଥା, ସେ ସମୟରେ ଏହା ନକରି ଯେଉଁ ଅପରିଣାମଦର୍ଶିତା ଓ ମୁର୍ଖାମୀର ପରିଚୟ ଦେଲେ, ତାଙ୍କର ପାପକୁ ନା ସେ ଧୋଇପାରିବେ ନା ରାଜ୍ୟବାସୀ ଓ ପ୍ରଭୁ ତାଙ୍କୁ କ୍ଷମାଦେବେ। ଅତୀତରେ ନୀତି, ନୈତିକତାର ପାଠ ପଢ଼ାଉଥିବା ମୁଖ୍ୟମନ୍ତ୍ରୀ ନିରନ୍ତର କ୍ୟାପଟେନ୍ ମିଶ୍ରଙ୍କୁ ଘଂଟଘୋଡ଼ାଇବା, ମୌନରହି ପ୍ରତ୍ୟକ୍ଷ ସମର୍ଥନ କରିବା ଆଜି ସରକାର ଓ ନିଜ ଦଳର ଭାବମୂର୍ତ୍ତିକୁ କୁଠାରଘାତ ହେଲେବି ତାଙ୍କର ଅହଂକାର ଓ ଗର୍ବ ନାରୀ ସମାଜର ଆଖିର ଲୁହରେ ଭାସି ଯିବ ବୋଲି ଶ୍ରୀ ଗୁରୁ କହିଛନ୍ତି। କାଳବିଳମ୍ବ ନକରି ମୁଖ୍ୟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ। ଯଦି ମନ୍ତ୍ରୀଙ୍କର ସତ୍‌ସାହସ ଅଛି ତେବେ ଆମେ ଆହ୍ୱାନ କରୁଛୁ ଆଜି କିମ୍ବା କାଲି ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ନିଜକୁ ପକ୍ଷଭୁକ୍ତ କରିବାର ଲିଖିତ ଆବେଦନ ଉଚ୍ଚନ୍ୟାୟାଳୟଙ୍କ ନିକଟରେ କଲେ ଓଡ଼ିଶାବାସୀ ହୁଏତ କିଛି ମାତ୍ରାରେ ତାଙ୍କୁ କ୍ଷମା ଦେଇପାରନ୍ତି। ଉତର ପ୍ରଦେଶର ଲକ୍ଷ୍ମୀପୁର ଖେରୀ ଘଟଣାରେ ଉଚ୍ଚତମ ନ୍ୟାୟାଳୟଙ୍କ ସ୍ୱତଃପ୍ରବୃତ ଦଖଲ ପରି ନାରୀଜାତିର ସମ୍ମାନ, ସ୍ୱାଭିମାନ, ସୁରକ୍ଷା ଓ ଭବିଷ୍ୟତ ପ୍ରତି ୪ ମମିତା ମୃତ୍ୟୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଉଚ୍ଚନ୍ୟାୟଳୟ ପିଡ଼ୀତା ପରିବାରବର୍ଗଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ପ୍ରାର୍ଥନା କରୁଛୁ। ଉଚ୍ଚ ନ୍ୟାୟଳୟ ପ୍ରତି କଂଗ୍ରେସ ଦଳର ସଂପୂର୍ଣ୍ଣ ଭରଷା ଓ ସମ୍ମାନ ରହିଛି ବୋଲି ଶ୍ରୀ ଗୁରୁ ଦର୍ଶାଇଛନ୍ତି।

ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ପାରାଦୀପ, ୧୭/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପାଳିତ ହୋଇଥିବା ସ୍ୱଚ୍ଛତା ପକ୍ଷ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧକ୍ଷ ପି.ଏଲ. ହାରାନାଦ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାନମାସ୍ ପକ୍ଷରୁ କ୍ଷୁଦ୍ର ନାଟକ "ଏବେ ନୁହେଁ ତ କେବେ ନୁହେଁ" ପରିବେଶିତ ହୋଇଥିଲା । ଏହି ଅବସରରେ ସକାଳେ ବେଳାଭୂମି ସଫେଇ ହୋଇଥିଲା । ବନ୍ଦର ଅଧକ୍ଷ ଶ୍ରୀ ହାରାନାଦ୍‌ଙ୍କ ସମେତ ଉପାଧକ୍ଷ ଏ.କେ.ବୋଷ ଏବଂ ବନ୍ଦରର ବିଭାଗୀୟ ମୁଖ୍ୟ ଅଧିକାରୀ, ସିଆଇଏସ୍‌ଏଫର ଯବାନମାନେ ଯୋଗ ଦେଇଥିଲେ । ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ରଥ, ବିଭିନ୍ନ ପଞ୍ଚ ହାଉସ ସଫେଇ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଡିସେମ୍ବର ୧ ରୁ ଗାଁସାଥୀଙ୍କ....

ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ୫ ଶହରୁ ଅଧିକ ବରଗଡ଼ ଜିଲ୍ଲା ତଥା ବିଜେପୁର ନିର୍ବାଚନମଣ୍ଡଳୀର ଗାଁସାଥୀ (ମେଟ୍) ସଂଗଠକମାନେ ପରିବା କିଲୋ ୧ ଟଙ୍କା ନାରା ଦେଇ ରାଲି କରିଥିଲେ । ରାଜ୍ୟରେ ଟଙ୍କିକିଆ ଚାଉଳ ପ୍ରଦାନ ବ୍ୟବସ୍ଥା ପାଇଁ ସମଗ୍ର ଜନସମାଜ ଏଠାରେ ଅଳସୁଆ ସାଜୁଥିବା ବେଳେ ପ୍ରତିକାତ୍ମକ ଭାବେ ପନିପରିବାର ଅହେତୁକ ଦରବୃଦ୍ଧିକୁ ଆଖିରେ ରଖି ଗାଁସାଥୀ (ମେଟ୍) ମାନେ ସେମାନଙ୍କ ନିଜ ବାଡ଼ି ବଗିଚାରୁ ଆଣିଥିବା ପନିପରିବାକୁ କିଲୋ ପିଛା ୧ ଟଙ୍କାରେ ବିକ୍ରିର ପ୍ରତିକାତ୍ମକ କାର୍ଯ୍ୟକ୍ରମ ଆଳରେ ନିଜର ଦାବି ଉପସ୍ଥାପନ କରିଥିଲେ । ମାସିକ ପ୍ରୋତ୍ସାହନ ୮୦୦୦ ରୁ ଉର୍ଦ୍ଧ୍ୱ, କୋଭିଡ୍ ସହାୟତା, ବେରୋଜଗାରୀ ଭତା ସମେତ ୫ ଦଫା ଦାବି ପୂରଣ ନ ହେଲେ ଚଳିତବର୍ଷ ୧ ଡିସେମ୍ବରରୁ ଶହ ଶହ ସଂଖ୍ୟାର ଆମରଣ ଅନଶନ ଓ ୬ ଡିସେମ୍ବରରେ ଗାଁସାଥୀ (ମେଟ୍) ଓ ଜବକାର୍ଡଧାରୀ ଲିଡର ଏବଂ ଗାଁସାଥୀ ପରିବାର ମିଶି ଏକ ଲକ୍ଷ ସଂଖ୍ୟାର ବିଶାଳ ରାଲି ସମାବେଶ ବିଧାନସଭା ଆଗରେ ଦାବି ହାସଲ ଯାଏ ଜାରି ରଖିବା ଲାଗି ସଂଘ ନିଷ୍ପତି ନେଇଛି ବୋଲି ସଂଘ ଜଣାଇଛି ।

ଓଡ଼ିଶାରେ ଲମ୍ବିଛି ଅନଲାଇନରେ....

ହୋଇଥିବା ସୁରେନ୍ଦ୍ର ନାୟକ । ୟୁ-ଟ୍ୟୁବରୁ ଏହି କୌଶଳ ଶିଖିବା ପରେ ରୋଜଗାରର ଏହି ଫର୍ମୁଲା ବାଛି ନେଇଥିଲା ଅଭିଯୁକ୍ତ । ତାକୁ ଜଣାନଥିଲା ଯେ ଏପରି କରି ସେ ସିବିଆଇର ସ୍କାନରକୁ ଆସିଯାଇଛି । ଦଶମ ଫେଲ ସୁରେନ୍ଦ୍ର ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଜରିଆରେ ପର୍ନ ସାଇଟରୁ ଡାଉନଲୋଡ କରୁଥିବା ଭିଡିଓକୁ ଅନ୍ୟମାନଙ୍କ ନିକଟକୁ ପଠାଉଥିଲା । ଟେଲିଗ୍ରାମରେ ପାଖାପାଖି ୨୭୭ ଓ ହ୍ୱାଟ୍ସଆପରେ ପାଖାପାଖି ୬୦ ଜଣଙ୍କୁ ଏସବୁ ଭିଡିଓ ପଠାଇ ଟଙ୍କା ରୋଜଗାର କରିଥିଲା । ସିବିଆଇ ରେଡ୍ ପରେ ଜଣାପଡ଼ିଛି ଯେ ସାରା ଦେଶରେ ଶିଶୁ ଯୌନ ନିର୍ଯାତନାର ଏତେ ବଡ଼ ର୍ଯାକେଟ କାମ କରୁଛି । ସହରରୁ ଗାଁ ପର୍ଯ୍ୟନ୍ତ ଏହାର ଚେର ମାଡ଼ିଯାଇଛି । ଢେଙ୍କାନାଳର ସୁରେନ୍ଦ୍ର ନାୟକ ସମେତ ଯାଜପୁର ଜିଲ୍ଲା କୋରେଇ ବ୍ଲକର ଅନୀଲ ମାଝି ଓ ଭଦ୍ରକ ବନ୍ତ ବ୍ଲକର ଅଟୋ ଚାଳକ ମନୋଜ ଦାସକୁ ପଚରାଉଚରା କରିବା ପରେ ସିବିଆଇ ହାତରେ ଅନେକ ତଥ୍ୟ ଲାଗିଛି । ବଡ଼ କଥା ହେଉଛି କୌଣସି ଅଶ୍ଳୀଳ ଫିଲ୍ମ ନିଜେ ସୁରେନ୍ଦ୍ର ପ୍ରସ୍ତୁତ କରିନଥିଲା । ବରଂ ଏହାକୁ ପ୍ରଚାର ପ୍ରସାର କରାଉଥିଲା । ଗାଁ ଲୋକଙ୍କ କହିବା ଅନୁସାରେ ଏକଦା ସିକ୍ୟୁରିଟି ଗାର୍ଡ଼ ଭାବେ କାମ କରୁଥିବା ସୁରେନ୍ଦ୍ର ଚାକିରିରୁ ତଡ଼ା ଖାଇବା ପରେ ରୋଜଗାର ହରାଇଥିଲା । ଆଉ ଏହି ସମୟରେ ସହଜରେ ଅର୍ଥ ଉପାର୍ଜନ ପାଇଁ ଏଭଳି ପନ୍ଥା ଆପଣାଇଥିଲା । ସୁରେନ୍ଦ୍ର ନାୟକ ୨ ମାସ ପୂର୍ବରୁ ଏହି ଗ୍ରୁପରେ ସାମିଲ ହୋଇଥିଲେ । ଅପ୍ରାପ୍ତବୟସ୍କ ପିଲାଙ୍କ ଅଶ୍ଳୀଳ ଭିଡିଓ ଡାଉନଲୋଡ କରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ତାଙ୍କ ଆକାଉଣ୍ଟକୁ ବିଦେଶରୁ ଟଙ୍କା ଆସୁଥିଲା । ଗାଁରେ କାହା ସହ ମିଶୁନଥିଲା, ଘର ଭିତରେ ରହି ଏହି କାମରେ ମାତିଥିଲା ସୁରେନ୍ଦ୍ର । ତାକୁ ଜଣାନଥିଲା, ଏହି କାମ କରିବା ବେଆଇନ, ଏଥିପାଇଁ କଠୋର ଦଣ୍ଡବିଧାନ ରହିଛି । ଅଭିଯୁକ୍ତ ସୁରେନ୍ଦ୍ର ନାୟକକୁ ଗିରଫ କରିଛି ସିବିଆଇ ।

ସୁର ରାଉତରାୟଙ୍କୁ ....

କରୋନା ରିପୋର୍ଟ ଆସିବା ପରେ ସୁର ନିଜକୁ ଘରେ ସଙ୍ଗରୋଧରେ ରଖିଛନ୍ତି । ଏହାସହ ସୁରଙ୍କ ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଭଲ ଥିବା ସୂଚନା ମିଳିଛି । ତେବେ ଏହି କିଛି ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ନିଜର ପରୀକ୍ଷା କରାଇ ନିଅନ୍ତୁ ବୋଲି କହିଛନ୍ତି । କରୋନାର ଦୁଇଟି ଲହର ଅତିକ୍ରମ କରିଥିଲେ ମଧ୍ୟ ସୁରଙ୍କୁ କରୋନା କବଳିତ କରିପାରିନଥିଲା । କରୋନା ଯେତେବେଳେ ଶୀର୍ଷ ସ୍ତରରେ ଥିଲା ସେତେବେଳେ ମଧ୍ୟ ସଂକ୍ରମଣକୁ ଖାତିର ନକରି ବାହାରେ ବୁଲୁଥିଲେ ସୁର । ଆଉ ତାହା ବି ପୁଣି ବିନା ମାସ୍କ ଓ ବିନା ସାମାଜିକ ଦୂରତାରେ । କରୋନା କାଳରେ ଯେତେବେଳେ ଅନ୍ୟ ନେତା ମାନେ ସରକାରଙ୍କ ଗାଇଡଲାଇନ ମାନିବା ସହ ଘରେ ରହୁଥିଲେ ସେତେବେଳେ ସୁରଙ୍କୁ ସବୁବେଳେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିଲା । କେତେବେଳେ ହସ୍ପିଟାଲରେ ତ ପୁଣି କେତେବେଳେ ଲୋକଙ୍କ ଗହଣରେ । କିନ୍ତୁ କରୋନାର ଦ୍ୱିତୀୟ ଲହରରେ ଅକ୍ସିଜେନ ଅଭାବରୁ ମୃତ୍ୟୁସଂଖ୍ୟା ବଢିବା ପରେ ସୁର କିଛି ମାତ୍ରାରେ ସତର୍କ ହୋଇଥିଲେ । ମୁହଁରେ ମାସ୍କ ପିନ୍ଧି ଲୋକଙ୍କ ଗହଣକୁ ଯାଉଥିଲେ । ତେବେ ଗତ କିଛିଦିନ ହେବ କରୋନା ସଂକ୍ରମଣ କମିବା କାରଣରୁ ସୁରଙ୍କୁ ବିଭିନ୍ନ ସମୟରେ ଅନେକ ଲୋକଙ୍କ ଗହଣରେ ଦେଖିବାକୁ ମିଳୁଥିଲା ।

କମିଲା ପଞ୍ଚାୟତ ନିର୍ବାଚନରେ....

ଜିଲ୍ଲା ପରିଷଦ ଜୋନ୍ ସଂରକ୍ଷଣ ନାହିଁ । ୮୫୩ଟି ଜିଲ୍ଲା ପରିଷଦ ଜୋନରୁ ୧୦୪ଟି ଜୋନରେ କେବଳ ଓବିସିଙ୍କ ପାଇଁ ସଂରକ୍ଷଣ ରହିଛି । ସେଥିର ପଛୁଆ ବର୍ଗ ପୁରୁଷଙ୍କ ପାଇଁ ୪୯ ଓ ମହିଳାଙ୍କ ପାଇଁ ୫୫ ରହିଛି । ଯାହା ୨୦୧୭ ଜିଲ୍ଲା ପରିଷଦ ନିର୍ବାଚନ ତୁଳନାରେ ୧୨୫ଟି ସିଟ୍ ହରାଇଛନ୍ତି ପଛୁଆ ବର୍ଗ । ଓବିସି କୋଟା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେହେତୁ ଓଡିଶାରେ ଏହି ବର୍ଗରେ ପ୍ରାୟ ୫୦ ପ୍ରତିଶତ ଭୋଟର ଅଛନ୍ତି । ଆଉ ଏହି ଭୋଟର, ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନିଅନ୍ତି । ସେଥିପାଇଁ ରାଜ୍ୟରେ ଗୋଟିଏ ବର୍ଷ ହେଲାଣି ଓବିସିକୁ ନେଇ ଜୋରଦାର ରାଜନୀତି ଚାଲିଛି । ପଂଚାୟତ ସଂରକ୍ଷଣରେ ପଛୁଆ ବର୍ଗର ସଂରକ୍ଷଣ ସ୍ଥାନ କମିଥିଲା ବେଳେ କିନ୍ତୁ ନିର୍ବାଚନରେ କେଉଁ ଦଳ ପଛୁଆ ବର୍ଗଙ୍କୁ କେତେ ପ୍ରାର୍ଥୀ କରୁଛି ତା ଉପରେ ରହିଛି ନଜର ।

ମମିତା ହତ୍ୟା ମାମଲାରେ....

ଛକରେ ଦସ୍ତଖତ ସଂଗ୍ରହ କରାଯାଇଛି । ମନ୍ତ୍ରୀଙ୍କ ସଫେଇକୁ ନେଇ ସମାଲୋଚନା କରିଛି କଂଗ୍ରେସ । ଏବଂ ଦିବ୍ୟଶଙ୍କର ମିଶ୍ରଙ୍କ ନୈତିକତାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ମମିତା ମେହେରଙ୍କୁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ବିଭିନ୍ନ ମହିଳା ସଂଗଠନର ପ୍ରତିନିଧି । ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟପାଳଙ୍କୁ ଏକ ଦାବି ପତ୍ର ଦେଇଛନ୍ତି ମହିଳା ଅଧିକାର ଅଭିଯାନର ଅଧକ୍ଷା ନମ୍ରତା ଚଢ଼ା, ଅଞ୍ଜନା ମିଶ୍ର ଓ ପ୍ରୀତି ଧଳ । ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛି ବିଜେଡି । ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଠିକ୍ ବାଟରେ ଚାଲିଛି ତଦନ୍ତ । ରାଜନୀତି କରୁଛନ୍ତି ବିରୋଧୀ । ଅନ୍ୟପଟେ ମମିତାଙ୍କ ହତ୍ୟା ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି । ମାମଲାରୁ ଉପଯୁକ୍ତ ତଦନ୍ତ ଓ ତ୍ୱରିତ ଶୁଣାଣି ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମମିତାଙ୍କ ବାପା ଓ ଭାଇ ।

ଦେଶର ସ୍ୱାଧିନତା ନେଇ....

ବିଭିନ୍ନ ରାଜନୈତିକ ଦଳ କଙ୍ଗନାଙ୍କୁ ପଦ୍ମଶ୍ରୀ ଫେରାଇ ଦେବାକୁ ମଧ୍ୟ ଦାବି କରିଛନ୍ତି । ଗାନ୍ଧୀଙ୍କ ଅହିଂସା ନୀତି ଉପରେ ପ୍ରଶ୍ନ ଉଠାଇଥିବା କଙ୍ଗନାଙ୍କୁ ସମାଲୋଚନା କରି ଶୀବସେନା ନେତା ସଂଜୟ ରାଉତ କହିଛନ୍ତି, ଭାରତ ସରକାର ଏବେ ବି ମହାତ୍ମା ଗାନ୍ଧୀଙ୍କ ନୀତି ପାଳନ କରୁଛନ୍ତି । ଚୀନ ଲଦାଖରେ ଅନୁପ୍ରବେଶ କରିବା ପରେ ଏବେ ଆମେ ଅରୁଣାଚଳପ୍ରଦେଶରେ ବି ଅନୁପ୍ରବେଶ କରିବାକୁ ଛାଡି ଦେଉଛୁ ବୋଲି ସମାଲୋଚନା କରିଛନ୍ତି ସଂଜୟ ରାଉତ । ପଦ୍ମଶ୍ରୀ ପୁରସ୍କାର ପାଇବା ପରେ ଏକ ଇଂଟରଭ୍ୟୁରେ ୧୯୪୭ରେ ଦେଶ ସ୍ୱାଧିନତାକୁ ଭିକ୍ଷାରେ ମିଳିଥିବା ସ୍ୱାଧିନତା ବୋଲି କହିଥିଲେ କଙ୍ଗନା । ଏହାସହ ପ୍ରକୃତ ସ୍ୱାଧିନତା ୨୦୧୪ରେ ମିଳିଛି ବୋଲି କଙ୍ଗନା କହିଥିଲେ । ଆଉ ଏପରି କହି ସେ ମୋଦୀ ସରକାର ଓ ବିଜେପିର ପ୍ରଶଂସା କରିବା ଉଦ୍ଦେଶ୍ୟରେ କହିଥିଲେ ବୋଲି ବିରୋଧି ସମାଲୋଚନା କରୁଛନ୍ତି ।

ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ପରଲୋକ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ବାଲିକୁଦାର ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ ଙ୍କ ଭୁବନେଶ୍ୱରରେ ଆଜି ସକାଳୁ ପରଲୋକ ହୋଇଥିବା ଜଣା ପଡିଛି ।ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଏ ନେଇ ତାଙ୍କର ପରିବାର ବର୍ଗ ପକ୍ଷରୁ ସୂଚନା ଦିଆ ଯାଇଛି । ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ସେ ଅନେକ ଥର ଓଡ଼ିଶା ବିଧାନସଭାକୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ବିୟୋଗରେ ଅନେକ ମାନ୍ୟଗଣ୍ୟ ଲୋକ ମାନେ ଶୋକ ପ୍ରକାଶ କରିଛନ୍ତି ।

ପୂର୍ବତନ ବିଧାୟକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ପୂର୍ବତନ ବିଧାୟକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ବାଲିକୁଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ତାଙ୍କ ନିଃସ୍ୱାର୍ଥପର ସେବା ଓ ଜନ କଲ୍ୟାଣକାରୀ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

ଉଦଳା ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ

ଉଦଳା,୧୭/୧୧ (ନି.ପ୍ର): ଉଦଳା ପ୍ରେସ କ୍ଲବ ତରଫରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ପତାକା ଉତ୍ତୋଳନ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ କ୍ଲବର ସଭାପତି ଅରୁଣ କୁମାର ମହାନ୍ତି ପତାକା ଉତ୍ତୋଳନ କରିବା ପରେ ସମସ୍ତେ ଏକ ସ୍ୱରରେ ଜତୀୟ ସଂଗୀତ ଗାନ କରିଥିଲେ । ପରେ 'ଭାରତ ମାତାକି ଜୟ' ଓ 'ବନ୍ଦେ ମାତରଂ' ସ୍ଲୋଗାନ ଦିଆଯାଇଥିଲା । ସଭାପତି ଶ୍ରୀଯୁକ୍ତ ମହାନ୍ତି ତାଙ୍କର ବକ୍ତବ୍ୟରେ ସବୁ ସାମ୍ବାଦିକ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା । ଏଥିରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଫକିର ମୋହନ ସାହିତ୍ୟ ପରିସଦର ପୂର୍ବତନ ସମ୍ପାଦକ ଡ଼.କୁମାର ଗୋପାଲ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ଡ଼. ଶ୍ୟାମସୁନ୍ଦର ପଣ୍ଡା, ପ୍ରଶାନ୍ତ ମହାପାତ୍ର, ପ୍ରଭାତ ପରିଡ଼ା, ସୌମେନ୍ଦ୍ର ଦାଶ, ନାରାୟଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ସାମ୍ବାଦିକ ମାନଙ୍କର ଭୂମିକା ପ୍ରଶଂସନୀୟ ବୋଲି ବ୍ୟକ୍ତ କରିବା ସହିତ ଉଦଳା ପ୍ରେସ କ୍ଲବର ସମସ୍ତ ସଦସ୍ୟ ମାନଙ୍କର କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ବାଦିକ ହିମାଦ୍ରୀ ଶେଖର ପାଲ ଆଲୋଚନା ଚକ୍ରର ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ପ୍ରମିଳା ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଆରମ୍ଭ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଦିଲ୍ଲୀପ କୁମାର ଦୀକ୍ଷିତ, ବରିଷ୍ଠ ସାମ୍ବାଦିକ ଆନନ୍ଦ ଦାସ ଓ ଉଦଳା ମାଟିର ଝିଅ ତଥା 'ମୁଁ ବି ନମିତା ଅଗ୍ରୱାଲ ହେବି' କାର୍ଯ୍ୟକ୍ରମର ଉପବିଜେତା ଉପାସନା ସାହୁଙ୍କୁ କ୍ଲବ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଦିବସ ବ୍ୟାପି ଚାଲିଥିବା କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ସହଯୋଗର ହାତ ବଢ଼ାଇଥିବାରୁ କ୍ଲବର ସଂପାଦକ ଜଗବନ୍ଧୁ ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁରେଶ୍ୱର ଜେନା, ସନ୍ତୋଷ ବେହେରା, ସାଲାଏ ମାର୍ଣ୍ଡି, ଯାଦବ ଘୋଷ, ଆପଦ ରାଉତ, ମିଲନ ସିଂ, କୃଷ୍ଣ ଚୈତନ୍ୟ ସଦୁଆଳ, ରବିନ ମହାନ୍ତି, ସୁବ୍ର

ବାଲେଶ୍ୱର, ଗୁରୁବାର, ୧୮ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ନଭେମ୍ବର ୩୦ ସୁଦ୍ଧା ଇ-ସର୍ଭିସ୍ ବୁକ୍ ଅପଡେଟ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ଚଳିତ ନଭେମ୍ବର ମାସ ୩୦ ତାରିଖ ସୁଦ୍ଧା ସମସ୍ତ ସରକାରୀ କର୍ମଚାରୀମାନଙ୍କର ଇ-ସର୍ଭିସ୍ ବୁକ୍ ଅପଡେଟ୍ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି କାର୍ଯ୍ୟର ଅଗ୍ରଗତି ବିଷୟ ଅନୁଧ୍ୟାନ କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଇ-ସର୍ଭିସ୍ ବୁକ୍ ସରକାରୀ କର୍ମଚାରୀ ମାନଙ୍କ ଉତମ ପରିଚାଳନାରେ ବହୁ ଭାବେ ସହାୟକ ହେବା ସହ ଅବସର ନେଉଥିବା କର୍ମଚାରୀମାନଙ୍କର ପେନସନ୍ ସମ୍ବନ୍ଧିତ ଦେୟ ପ୍ରଦାନକୁ ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବ । ଏହା ଉଭୟ କର୍ମଚାରୀ ଏବଂ ସରକାରୀ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଏବଂ ବୃତିଗତ କରିବ । ଇ-ସର୍ଭିସ୍ ବୁକ ଅପଡେଟ୍ ନହେଲେ ଡିସେମ୍ବର ମାସଠାରୁ ସଂପୃକ୍ତ କର୍ମଚାରୀ ଏବଂ ବିଭାଗୀୟ ନୋଡାଲ୍ ଅଧିକାରୀଙ୍କ ଦରମା ମିଳିବାରେ ବାଧା ସୃଷ୍ଟିହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଜଣାଇଥିଲେ । ସମୀକ୍ଷାରୁ ଜଣାପଡ଼ିଥିଲା ଯେ ପୁର୍ତ , କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଅବକାରୀ, ଶିଳ୍ପ, ପର୍ଯ୍ୟଟନ, ଗୃହ, ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତନ, ଇସ୍ପାତ୍ ଓ ଖଣି, ନଗର ଓ ଗୃହ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ, ଶ୍ରମ ଓ ନିୟୋଜନ ଆଦି ବିଭାଗର ପ୍ରାୟ ୯୫ ପ୍ରତିଶତ କର୍ମଚାରୀମାନଙ୍କର ଇ-ସର୍ଭିସ୍ ବୁକ୍ ସଦ୍ୟତନ କରାସରିଛି । ସେହିପରି ବାଲେଶ୍ୱର, ବରଗଡ଼, ଭଦ୍ରଖ, ଝାରସୁଗୁଡ଼ା, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ପ୍ରାୟ ୯୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି । ଅନ୍ୟ ବିଭାଗ ଏବଂ ଜିଲ୍ଲାମାନେ ହାରାହାରି ୭୦ ପ୍ରତିଶତ କାର୍ଯ୍ୟଶେଷ କରିଛନ୍ତି । ବୈଠକରେ ମୁଖ୍ୟତଃ ଇ-ସର୍ଭିସ୍ବୁକ୍ ସଂଟଓୟାର ର କାର୍ଯ୍ୟକାରିତା, ସେଥିରେ ତଥ୍ୟ ସନ୍ନିବେଶ କରିବା, ଡାଟା ଏଂଟ୍ରି କାର୍ଯ୍ୟ ଆଦି ସମ୍ବନ୍ଧିତ ବିଷୟ ଆଲୋଚନା ହୋଇଥିଲା ।

ଚାଷୀ ମୃତ୍ୟୁ ଓ ଜନଜାଗରଣ ଯାତ୍ରାକୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୭/୧୧(ନିପ୍ର) : ଜଳେଶ୍ୱର ବ୍ଲକର ଶାଳିକୋଠା ଗ୍ରାମର ଚାଷୀ ମୃତ୍ୟୁକୁ ନେଇ ଆଜି କଂଗ୍ରେସର ଉଚ୍ଚ ସ୍ତରୀୟ ଦଳ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ଜେନାଙ୍କ ବାସଭବନକୁ ଗସ୍ତ କରିଥିଲେ । ୧ଲକ୍ଷ ଋଣ କରି ୪ଏକର ଖରିଫ ଧାନଚାଷ କରିଥିବା ବେଳେ ଚକଡ ପୋକରେ ତାହା ଉଜୁଡିଯିବା ଭୟରେ ବିଲମୁଣ୍ଡରେ ବିଷ ପିଇ ଆତ୍ମହତ୍ୟା କରିଥିଲା । ଏଭଳି ଘଟଣାରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ରାଜ୍ୟ କିଷାନ କଂଗ୍ରେସ ସଭାପତି ଯଶୋଦା ନନ୍ଦନ ସିଂ, ଜିଲା କିଷାନ କଂଗ୍ରେସ ସଭାପତି ନିରଂଜନ ବେହେରା, ବ୍ଲକ କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରିଙ୍କ ସହିତ ବହୁ କଂଗ୍ରେସ ନେତା ତାଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ମୃତ ଚାଷୀର ପରିବାରକୁ ୨୦ଲକ୍ଷଟଙ୍କର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ବିଭିନ୍ନ ପଂଚାୟତର ଦୁର୍ନିତୀ, ଭୂମିହୀନଙ୍କୁ ପଟ୍ଟା ବଣ୍ଟନ, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ, ଅଭାବି ଧାନବିକ୍ରି ଓ ଜଳେଶ୍ୱରର ବିଭିନ୍ନ ବିକାଶ ସଂପର୍କରେ ନଭେମ୍ବର ୧୪ରୁ ଆରମ୍ଭ ହୋଇଥିବା ଜନଜାଗରଣ ଅଭିଯାନର ଅଂଶ ବିଶେଷ ଆସନ୍ତା ୨୦ ତାରିଖରେ ଏକ ବିଶାଳ ପଦଯାତ୍ରା ଓ ସାଧାରଣ ସଭା ସଂପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ଏହି ଦିନ ସକାଳ ୧୦ଟା ସମୟରେ ଜଳେଶ୍ୱର ଟାଉନ୍‌ହଲ ପଡିଆରେ ଏକ ବିଶାଳ ସାଧାରଣ ସଭାରେ ରାଜ୍ୟ ପ୍ରଭାରୀ ଚେଲା କୁମାର ଓ ନବଜ୍ୟୋତି ପଟ୍ଟନାୟକ ଗସ୍ତ ସଂପର୍କରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ କଂଗ୍ରେସ ଜିଲା ସଭାପତି ସଂଜିବ ଗିରି ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ଜିଲା ସାଧାରଣ ସଂପାଦକ ସୁଧାଂଶୁ ଜେନା, ବିସିସି ଜିଲା ସଂପାଦକ ସବ୍ୟସାଚୀ ଦାସ ଓ ବରିଷ୍ଠ କଂଗ୍ରେସ ନେତା ସତ୍ୟସୁନ୍ଦର ଦାସ, ତ୍ରିଲୋଚନ ଦାସ ଅଧିକାରୀ, ଜଗଦୀଶ ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ ।

ମେଡିକାଲ ଭିତରୁ ମୋରମ ଚାଲାଣ : ଦୁଇଟି ଟ୍ରକ ସହ ଜେସିବି ଜବତ୍

ନୀଳଗିରି,୧୭/୧୧ (ନି.ପ୍ର): ନୀଳଗିରି ମେଡିକାଲ ପରିସରରେ ହେଉଥିବା ଉନ୍ନୟମୂଳକ କାର୍ଯ୍ୟ ଚାଲୁଥିବା ବେଳ ବ୍ୟାପକ ପରିମାଣରେ ମୋରମ ବାହାରିଥିଲା । ଏହାକୁ ଏକ ସ୍ଥାନରେ ଗଚ୍ଛିତ ରଖାଯାଇଥିଲା । ଏହି ମୋରମକୁ ଆଜି ତରବରିଆ ଭାବେ ବାହାରକୁ ଚାଲାଣ ହେଉଥିଲା ବେଳେ ନୀଳଗିରି ତହସିଲଦାର ଅଚାନକ ଚଢ଼ାଉ କରି ଗୋଟିଏ ଜେସିବି ମେସିନ ସହ ୨ଟି ଟ୍ରକକୁ ଜବତ କରିଛନ୍ତି । ସୂଚନାଯୋଗ୍ୟ ନୀଳଗିରି ଉପଖଣ୍ଡ ହସପିଟାଲ ପରିସରରେ ବର୍ହିବିଭାଗ ବିଲଡିଙ୍ଗ ତିଆରି ଚାଲୁଥିବା ବେଳେ ବ୍ୟାପକ ପରିମାଣ ମୋରମ ଗଚ୍ଛିତ ଥିଲା । ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କାର ମୋରମ ବାହାରକୁ ଚାଲାଣ ହେବାପରେ କିଛି ସ୍ୱଳ୍ପ ପରିମାଣର ଜୋରିମାନା ଦେଇ କିଛି ଠିକାଦାର ଟଙ୍କା ଆତ୍ମସାତ କରିଥିଲେ । ପୁଣି ଆଜି ଦିନସାରା ଏକ ଡମ୍ପର ଓ ମିନିଟ୍ରକରେ ଜେସିବି ଦ୍ୱାରା ମୋରବ ବୋଝେଇ ହୋଇ ମୋରମ ଚାଲାଣ କରୁଥିବା ବେଳେ ତହସିଲଦାର ଅଶେଷ କୁମାର ନାୟକ ଅଚାନକ ପହଞ୍ଚି ଗାଡ଼ିଗୁଡ଼ିକ ଜବତ କରି ଥାନାରେ ରଖିଥିବା ଜଣାପଡ଼ିଛି ।

୨୬ରେ ବାହାନଗା ସିଡିପିଓଙ୍କୁ ଘେରିବେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା

ବାଲେଶ୍ୱର,୧୭/୧୧ (ନି.ପ୍ର): ଶ୍ରମିକ ସଙ୍ଗଠନ ଏଆଇଟିୟୁସି ସହ ଅନୁବନ୍ଧିତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ଏକ ବୈଠକ ଶ୍ରମିକନେତା ରତ୍ନାକର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବାହାନଗା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଅବଜ୍ଞା କରୁଥିବା ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷ କରି ଭତ୍ତିଭୂମି ନଥିବା ସ୍ୱେଚ୍ଛାସେବୀ ସଂଗଠନକୁ ଅଙ୍ଗନବାଡ଼ି ଶିଶୁଙ୍କ ପୋଷାକ ପ୍ରଦାନ ପାଇଁ ସିଡିପିଓ ପୋଷାକ ପାଇଁ ଆଦେଶ ପ୍ରଦାନ କରିଛନ୍ତି । ଏହି ସ୍ୱେଚ୍ଛାସେବୀ ସଂଗଠନମାନେ ବଜାରରୁ ଶସ୍ତା ପୋଷାକ କିଣି ଶିଶୁମାନଙ୍କୁ ବଣ୍ଟନ ପାଇଁ ପ୍ରଦାନ କରୁଛନ୍ତି ବୋଲି କର୍ମୀମାନେ କ୍ଷୋଭର ସହ ପ୍ରକାଶ କରିଥିଲେ । ଏହାର ପ୍ରତିବାଦରେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କର୍ମୀ ଓ ସହାୟିକା ଗତମାସରେ ୪ଦିନ ଧାରଣାରେ ବସିଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହାନଗା ସିଡିପିଓଙ୍କୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଶିଶୁମାନଙ୍କ ପୋଷାକ କିଣିବା ପାଇଁ କୁହାଯାଇଥିଲା । ମାତ୍ର ସିଡିପିଓ ଏହି ନିଷ୍ପତ୍ତିକୁ ଅଗ୍ରାହ୍ୟ କରି ପୁନଶ୍ଚ ସେହି ନିମ୍ନମାନର ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପ୍ରତିବାଦରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ସମେତ ଶିଶୁମାନଙ୍କ ଅଭିଭାବକଙ୍କର ମିଳିତ ସହଯୋଗରେ ଆସନ୍ତା ୨୬ ତାରିଖରେ ବାହାନଗା ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଘେରାଉ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସଂଘର ସମ୍ପାଦିକା ଗୌରୀ ଦାସଙ୍କ ସମେତ ବିଭିନ୍ନ ବ୍ଲକ କମିଟି ପକ୍ଷରୁ କବିତା ମହାନ୍ତି, ରେଣୁବାଳା ପାତ୍ର, କଳ୍ପନା ଦାସ, ଆରତୀ ଦାସମହାପାତ୍ର, ସବିତା ମଲ୍ଲିକ, ଜ୍ୟୋତ୍ସ୍ନା ପାତ୍ର, ଅନସୂୟା ଦଳେଇ, ନିର୍ମଳା ପାଣିଗ୍ରାହୀ, ସଂଯୁକ୍ତା ଦାସ, ସୁବାସିନୀ ମିଶ୍ର, ସୁନନ୍ଦା ତାଲଦି, ପୂର୍ଣ୍ଣିମା ସି, ତପସ୍ୱିନୀ ବିଶ୍ୱାଳ ଓ ପ୍ରଣତି ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଆଇଟିୟୁସିର ରାଜ୍ୟ ଉପ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦକ ମାୟାଧର ନାୟକ ଓ ଜିଲା ସଂପାଦକ ଶ୍ୟାମସୁନ୍ଦର ଜେନା ମଧ୍ୟ ଏଥିରେ ଉପସ୍ଥିତ ଥିଲେ ।

ମିଥ୍ୟା କେସ୍‌ରେ ସାମ୍ବାଦିକଙ୍କୁ ଗିରଫ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର, ୧୭/୧୧(ନିପ୍ର) : ସାମାନ୍ୟ ଟଙ୍କା ବାକିକୁ କେନ୍ଦ୍ର କରି ଜଣେ କାର୍ଯ୍ୟରତ ବୈଦ୍ୟୁତ ଗଣମାଧ୍ୟମର ପ୍ରତିନିଧିଙ୍କୁ ଗିରଫ କରିବା ସହିତ ବିଭିନ୍ନ ମିଥ୍ୟା ସଂଗୀନ ଅଭିଯୋଗରେ ଜେଲକୁ ପଠାଇଦେବା ପ୍ରତିବାଦରେ ଆଜି ଜଳେଶ୍ୱରର ବହୁ କାର୍ଯ୍ୟରତ ସାମ୍ବାଦିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ୧୨ ତାରିଖରେ ନିଉଜ୍-୭ ପକ୍ଷରୁ ଜଳେଶ୍ୱରରେ ନକଲି ବ୍ରାଉନ୍‌ସୁଗର ତିଆରି ସଂପର୍କରେ ଖବର ପ୍ରସାରଣ କରାଯାଇଥିଲା । ଯାହା ସ୍ଥାନୀୟ ପୋଲିସ୍‌କୁ ଦାୟୀ କରାଯାଇଥିଲା । ଫଳରେ ଥାନା ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ନିୟୁଜ-୭ର ଜଳେଶ୍ୱର ସାମ୍ବାଦିକ ରାଜେଶ କୁମାର ପ୍ରଧାନଙ୍କୁ ଗିରଫ କରି ଜେଲ୍ ପଠାଇବାକୁ ପ୍ରତିବାଦ କରି ଆଜି ମୁଖ୍ୟମନ୍ତ୍ରୀ, ଡିଜିପ, ଆଇ (ପୂର୍ବାଞ୍ଚଳ), ଜିଲାପାଳ, ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପଠାଯାଇଥିବା ଜଣାଯାଇଛି । ଏଥିରେ ସୁକୁମାର ରଣା, ଅଶ୍ୱିନୀ ନାଥ, ଘନଶ୍ୟାମ ଗିରି, ସତ୍ୟବ୍ରତ ସୋମ୍, ଦୀନବଂଧୁ ପ୍ରଧାନ, ପ୍ରଦୀପ କୁମାର ଜେନା, ସତ୍ୟବ୍ରତ ପ୍ରଧାନ, ମନୋଜ କୁମାର ଭୂୟାଁ, ସୁବ୍ରତ ଘୋଷାଲ, ଅଜୟ ଚକ୍ରବର୍ତ୍ତୀ, ଆଶିଷ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବବିବାଦରୁ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ

ବାଲିଆପାଳ,୧୭/୧୧ (ନି.ପ୍ର): ବାଲିଆପାଳ ଥାନା ମାନ୍ଧାତା ଗ୍ରାମର ହେମନ୍ତ ବାରିକଙ୍କୁ ନଇଘାଟୀ ଗ୍ରାମର ଦାସିଆ ଦାସ ପୂର୍ବବିବାଦକୁ କେନ୍ଦ୍ରକରି ବୁଧବାର ମରଣାନ୍ତକ ଆକ୍ରମଣ କରିଛନ୍ତି । ଏନେଇ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ହେମନ୍ତ ବାରିକ ଆଜି ସ୍ଥାନୀୟ କାଳିପଦା ବଜାରକୁ ଏକ ଫୁଲ ଦୋକାନରୁ ଫୁଲ କିଣିବାକୁ ଯାଇଥିଲେ । ଦୋକାନୀକୁ ଅଧିକ ଗୋଟିଏ ଫୁଲ ମାଗିବାରୁ ସେଠାରେ ଉପସ୍ଥିତ ଥିବା ଦାସିଆ ଦାସ ତାଙ୍କ ସହିତ ଯୁକ୍ତି ତର୍କ କରିଥିଲେ । ହେମନ୍ତ ବିରୋଧ କରିବାରୁ ଦାସିଆ ଉତ୍ୟକ୍ତ ହୋଇ ହେମନ୍ତଙ୍କୁ ବିଧା ଗୁଇଠା ମାରିବା ସହିତ ଏକ ପୋଡା ଇଟାରେ ତାର ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ । ଫଳରେ ହେମନ୍ତ ଚେତାଶୂନ୍ୟ ହୋଇ ତଳେ ପଡିଯିବାରୁ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପ୍ରତାପପୁର ସିଏଚସିକୁ ନେଇଯାଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡିଛି । ଦାସିଆ କେଉଁଆଡେ ଫେରାର ହୋଇଯାଇଛି । ଏନେଇ ହେମନ୍ତ ବାରିକବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ତେବେ ପୁଲିସ ତଦନ୍ତ ପରେ ପଦକ୍ଷେପ ନେବ ବୋଲି କହିଛି ।

ବିରଳା ଟାୟାର୍ସ କାର୍ଯ୍ୟକ୍ଷମ ନେଇ ଶ୍ରମିକ ସଂଗଠନଙ୍କ ମିଳିତ ବୈଠକ

ବାଲେଶ୍ୱର,୧୭/୧୧ (ନି.ପ୍ର): ଅଚଳାବସ୍ଥାରେ ଥିବା ଉତ୍ତର ଓଡ଼ିଶାର ବୃହତମ ଶିଳ୍ପାନୁଷ୍ଠାନ ବିରଳା ଟାୟାର୍ସକୁ କାର୍ଯ୍ୟକ୍ଷମ କରିବା ଉଦ୍ୟମରେ ଶ୍ରମିକ ସଂଗଠନମାନଙ୍କୁ ନେଇ ଏକ ମିଳିତ ବୈଠକ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ବାଲେଶ୍ୱରର ଆର୍ଥିକ ବିକାଶରେ ବିଶେଷ ଭୂମିକା ଗ୍ରହଣ କରିଥିବା ଏହି ଶିଳ୍ପାନୁଷ୍ଠାନର ଅଚଳାବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ରାଜ୍ୟ ସରକାର କିମ୍ବା ରାଜନେତାଙ୍କୁ କିଛି ଫରକ ପଡୁ ନଥିବା ବେଳେ ପ୍ରକୃତରେ ଶ୍ରମିକ ପରିବାର ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ସେ କହିଥିଲେ । 'ଶ୍ରମିକଙ୍କ ସ୍ୱାର୍ଥ' ପ୍ରସଙ୍ଗକୁ ନେଇ ବାରମ୍ବାର ଆଲୋଚନା ହେଉଥିଲେ ବି କର୍ତ୍ତୃପକ୍ଷ ଲାଭ-କ୍ଷତିକୁ ଅଧିକ ଗୁରୁତ୍ୱ ଦେବା ଫଳରେ କିଛି ନିର୍ଯ୍ୟାସ ବାହାରୁ ନାହିଁ । ସୂଚନା ଅନୁସାରେ ଶିଳ୍ପାନୁଷ୍ଠାନରେ ବିକ୍ରି ପାଇଁ ମହଜୁଦ ଥିବା ୨୦ କୋଟି ଟଙ୍କାର ତିଆରି ଟାୟାରକୁ ବିକ୍ରି କରି ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ପ୍ରସ୍ତାବକୁ କାରଖାନା କର୍ତ୍ତୃପକ୍ଷ ପ୍ରତ୍ୟା । ମୋଟ ଉପରେ ଶିଳ୍ପାନୁଷ୍ଠାନ ଚଳାଇବାକୁ କର୍ତ୍ତୃପକ୍ଷ ଆଦୌ ରାଜି ନଥିବା ଭୁବନେଶ୍ୱରରେ ଆୟୋଜିତ ମନ୍ତ୍ରୀ ଓ ସଚିବ ସ୍ତରୀୟ ବୈଠକରେ ତାଙ୍କ ପ୍ରତିନିଧିଙ୍କ ଆଲୋଚନାରୁ ସ୍ପଷ୍ଟ ହୋଇଥିଲା ବୋଲି ଶ୍ରୀ ଜେନା କହିଥିଲେ । ତେବେ ଏଭଳି ସ୍ଥିତିରେ ରାଜନେତା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମିଳିତ ଭାବେ ଉଦ୍ୟମ କରିବାର ଅଛି । ତେବେ ଗତ ଉପ-ନିର୍ବାଚନ ବେଳେ ବାଲେଶ୍ୱର ବିକାଶର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀଙ୍କ ବାବଦରେ ମୋତେ ପଚାରିଲେ ମୁଁ କ'ଣ କରିପାରିବି ? ବରଂ ମିଳିତ ଶ୍ରମିକ ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାର ସମସ୍ତ ବିଧାୟକଙ୍କୁ ସାକ୍ଷାତ ସହ ବିଧାନ ସଭା ଅଧିବେଶନରେ ଏ ପ୍ରସଙ୍ଗରେ ପ୍ରଶ୍ନ ଉତ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ । ବାଲେଶ୍ୱର ସାଂସଦଙ୍କୁ ବି ଏ ସମ୍ପର୍କରେ ସଂସଦରେ ପ୍ରଶ୍ନ ଉତ୍ଥାପନ ପାଇଁ କୁହାଯାଉ । ସେହିଭଳି ଆସନ୍ତା ୨୬ ତାରିଖରେ ବାଲେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିବା ବେଳେ ଏହାର ପ୍ରସ୍ତୁତି ପାଇଁ ୨୧/୨୨ ତାରିଖରୁ ରାଜ୍ୟର ମନ୍ତ୍ରୀଙ୍କ ସମେତ ପ୍ରମୁଖ ରାଜ୍ୟସ୍ତରୀୟ ନେତାଙ୍କର ଜିଲାକୁ ଆଗମନ ଆରମ୍ଭ ହୋଇଯିବ । ସେତେବେଳେ ମନ୍ତ୍ରୀମାନଙ୍କୁ ବି ବିରଳା ଟାୟାର୍ସ କାର୍ଯ୍ୟକ୍ଷମ ସମ୍ପର୍କରେ ପଚାରିବାକୁ ଶ୍ରୀ ଜେନା ଶ୍ରମିକ ନେତାମାନଙ୍କୁ କହିଥିଲେ । ଏମିତିକି ତାଙ୍କର ଉପସ୍ଥିତିରେ ଏହି ଆଲୋଚନା କରିବାକୁ ସେ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ମିଳିତ ଉଦ୍ୟମ ରହିଲେ କାରଖାନା ନିଶ୍ଚିତ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଶ୍ରୀ ଜେନା ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ହିନ୍ଦ ମଜଦୁର ସଭା ଜିଲା ସଭାପତି ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଶିବ ପ୍ରସାଦ ଦାସ, ଶେଖ ମଜୁଦ୍ଦିନ, ଯଶୋଧାରା ଦାସ, ଉପେନ୍ଦ୍ର ବେହେରା, ଅଶୋକ ରାଉତ, ଛବି ମହାନ୍ତି, ରଞ୍ଜନ ପାଣିଗ୍ରହୀ, ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ବିର୍ଲା ଟାୟାର୍ସର ପଞ୍ଜୀକୃତ ଶ୍ରମିକ ସଙ୍ଗଠନର ପ୍ରତିନିଧି ଯୋଗଦେଇ କାରଖାନା ଅଚଳାବସ୍ଥା ଦୂରନେଇ ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରମିକଙ୍କ ଜୀବନ ଜୀବିକା ପାଇଁ ପୂର୍ବତନ ସାଂସଦ ଶ୍ରୀ ଜେନାଙ୍କ ପ୍ରସ୍ତାବ ଓ ପରାମର୍ଶ ମୂଳେ କାର୍ଯ୍ୟ କରିବା ପାଇଁ ଶ୍ରମିକନେତାମାନେ ଏହି ବୈଠକରେ ନିଷ୍ପତ୍ତି ନେଇଥିଲେ । ବିରଳା ଟାୟାର୍ସର ବହୁ ଶ୍ରମିକ ଏଥିରେ ଉପସ୍ଥିତ ଥିଲେ ।

କାର୍ତ୍ତିକ ପୂର୍ଣ୍ଣିମାରେ ବନ୍ଦ ରହିବ ଶ୍ରୀମନ୍ଦିର

ପୁରୀ,୧୭/୧୧ (ନି.ପ୍ର):ପଞ୍ଚକ ଅବସରରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଗି ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ସମୟ ଅବଧି ବୃଦ୍ଧି କରାଯାଇଛି । ଆଜି ଓ ଆସନ୍ତାକାଲି ଶ୍ରଦ୍ଧାଳୁମାନେ ସକାଳ ୭ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜିଉମାନଙ୍କୁ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ଏହି ନୂତନ ଏସ୍ଓପି ଜାରି କରାଯାଇଛି । କିନ୍ତୁ କରୋନା ସଂକ୍ରମଣ ବୃଦ୍ଧି